ଆଜି - ଶୁକ୍ରବାର
ତାରିଖ - ୦୬ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୨୨
ତିଥି - ତୃତୀୟା - ଶୁକ୍ଳ
ନକ୍ଷତ୍ର - ହସ୍ତା, କନ୍ୟା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୦୬ : ୦୦
ସୂର୍ଯ୍ୟାସ୍ତ - ୫ : ୪୦ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.theajikali.com


"ପ୍ରେମ ହେଉଛି ଏକମାତ୍ର ବାସ୍ତବତା ଏବଂ ଏହା କେବଳ ଭାବପ୍ରବଣତା ନୁହେଁ । ପ୍ରତ୍ୟେକ ସୃଷ୍ଟିର ମୂଳରେ ଏଇ ନିରାଟ ସତ୍ୟଟି ହିଁ ନିହିତ ଥାଏ ।"
- ରବୀନ୍ଦ୍ରନାଥ ଠାକୁର


Vol.- 40 ISSUE- 321 R.N.I. REGD. No. 44026/86 ବାଲେଶ୍ୱର ୦୬ ମାର୍ଚ୍ଚ ୨୦୨୬ ଶୁକ୍ରବାର BALASORE 06 MARCH 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


### ପ୍ରଧାନମନ୍ତ୍ରୀଙ୍କ ସହ ଫିନଲ୍ୟାଣ୍ଡ ରାଷ୍ଟ୍ରପତିଙ୍କ ମିଳିତ ସାମ୍ବାଦିକ ସମ୍ମିଳନୀ

## କେବଳ ସାମରିକ ଶକ୍ତି ସମସ୍ୟାର ସମାଧାନ କରିପାରିବ ନାହିଁ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଫିନଲ୍ୟାଣ୍ଡ ରାଷ୍ଟ୍ରପତି




ଆଲେକଜାଣ୍ଡାର ଷ୍ଟବ୍ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ୨୦୨୬ରେ ଆରମ୍ଭ ହେଉଥିବା ଐତିହାସିକ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ନିବେଶକୁ ଆହୁରି ମଜବୁତ କରିବ । ଭାରତ ଏବଂ ଫିନଲ୍ୟାଣ୍ଡ ଏବେ ଡିଜିଟାଲାଇଜେସନ୍ ଏବଂ ସ୍ଥାୟୀତ୍ୱରେ ଏକ ରଣନୈତିକ ସହଭାଗୀତାକୁ ସେମାନଙ୍କର ସମ୍ପର୍କକୁ ଉନ୍ନତ କରୁଛନ୍ତି । ଏହି ସହଭାଗୀତା ୬ଏ ଟେଲିକମ୍ ଠାରୁ ଆରମ୍ଭ କରି କ୍ୱାଂଟମ୍ କମ୍ପ୍ୟୁଟିଂ ପର୍ଯ୍ୟନ୍ତ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗକୁ ଶକ୍ତି ପ୍ରଦାନ କରିବ । ଉଭୟ ନେତା ଶାନ୍ତି ଏବଂ କୂଟନୀତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଅନ୍ତର୍ଜାତୀୟ ପ୍ରତିଷ୍ଠାନର ସଂସ୍କାର ବର୍ତ୍ତମାନ ଅତ୍ୟାବଶ୍ୟକ ଏବଂ ଜରୁରୀ । ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି ନୂତନ ଭାରତ-ଫିନଲ୍ୟାଣ୍ଡ ସହଭାଗୀତା ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ଏଥିରେ କୃତ୍ରିମ ବୁଦ୍ଧିମତା, ୬ଏ ଟେଲିକମ୍, ସ୍ୱଚ୍ଛ ଶକ୍ତି ଏବଂ କ୍ୱାଂଟମ୍ କମ୍ପ୍ୟୁଟିଂ ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ । ଏହି କ୍ଷେତ୍ରଗୁଡ଼ିକରେ ସହଯୋଗ କେବଳ ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢାଇବ ନାହିଁ ବରଂ ନିବେଶ ଏବଂ ବାଣିଜ୍ୟ ପାଇଁ ନୂତନ ରାସ୍ତା ମଧ୍ୟ ଖୋଲିବ । ଏହି ରଣନୈତିକ ସହଭାଗୀତା ଉଭୟ ଦେଶକୁ ଅଧିକ ପ୍ରଯୁକ୍ତିବିଦ୍ୟାଗତ ଭାବରେ ଆତ୍ମନିର୍ଭରଶୀଳ ଏବଂ ସଶକ୍ତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ନରେନ୍ଦ୍ର ମୋଦି କହିଛନ୍ତି, "ଫିନଲ୍ୟାଣ୍ଡ ଭାରତୀୟ ଛାତ୍ର ଏବଂ ପ୍ରତିଭା ପାଇଁ ଏକ ପସନ୍ଦିତ ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି । ଆଜି, ଆମେ ଉଭୟ ଦେଶର ଇନୋଭେସନ ଇକୋସିଷ୍ଟମକୁ ସଂଯୋଗ କରିବା ପାଇଁ ଫିନଲ୍ୟାଣ୍ଡ ସହିତ ଏକ ବ୍ୟାପକ ମାଇଗ୍ରେସନ ଆଣ୍ଡ ମୋବିଲିଟି ଏଗ୍ରିମେଂଟ କରିଛୁ । ଏହା ସହିତ, ଆମେ ମିଳିତ ଗବେଷଣା ଏବଂ ଷ୍ଟାର୍ଟଅପ୍ ସହଯୋଗକୁ ଆହୁରି ମଜବୁତ କରିବାକୁ ଯାଉଛୁ ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସେ ଓଡ଼ିଶାବାସୀଙ୍କୁ ସମ୍ବୋଧିତ କରି ବିଜୁ ବାବୁଙ୍କ ଦୂରଦୃଷ୍ଟି ଏବଂ ଓଡ଼ିଶାର ବିକାଶ ପାଇଁ ତାଙ୍କର ସଂକଳ୍ପକୁ ଦୋହରାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୁ ବାବୁଙ୍କ ଜୀବନ ସଂଘର୍ଷମୟ ଥିଲା । ସେ କେବେବି ସମ୍ମାନ ଓ ସ୍ୱାଭିମାନ ସହିତ ସାଲିସ କରିନାହାଁନ୍ତି । ଓଡ଼ିଶାକୁ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିବା ପାଇଁ ସେ ସେବା ସହିତ ବିକାଶକୁ ସବୁବେଳେ ପ୍ରାଥମିକତା ଦେଇ ଆସିଥିଲେ । ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଆଜି ବି ଅଧୁରା ରହିଛି । ଆମ ସରକାର ସେହି ସବୁ ସ୍ୱପ୍ନକୁ ପୂରଣ କରିବା ପାଇଁ ବଦ୍ଧପରିକର । ବିଜୁ ବାବୁଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ ଏକ 'ସମୃଦ୍ଧ ଓଡ଼ିଶା' ଗଠନ କରିବା ପାଇଁ ଆମେ ସଂକଳ୍ପ ନେଇଛୁ । ଲୋକଙ୍କ ସେବା ଏବଂ ବିକାଶ ହିଁ ଆମ ଶାସନର ମୂଳମନ୍ତ୍ର ହେବ, ଯାହା ବିଜୁ ବାବୁ ଚାହୁଁଥିଲେ ।

## ଜନଗଣନା-୨୦୨୭ ପାଇଁ ଡିଜିଟାଲ୍ ଉପକରଣ ସହ 'ପ୍ରଗତି' ଏବଂ 'ବିକାଶ' ମାସ୍କଟର ଶୁଭାରମ୍ଭ କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଆନୁଷ୍ଠାନିକ ଭାବରେ ୨୦୨୭ ଜନଗଣନା ପାଇଁ ଚାରୋଟି ଡିଜିଟାଲ୍ ଉପକରଣ ସହ ମାସ୍କଟ୍ - 'ପ୍ରଗତି' (ମହିଳା) ଏବଂ 'ବିକାଶ' (ପୁରୁଷ) ଉନ୍ମୋଚନ କରିଛନ୍ତି । ସେଂଟର ଫର ଡେଭଲପମେଂଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡିଏସି) ସାରା ଦେଶରେ ଗଣନା କାର୍ଯ୍ୟକୁ ସହଜ କରିବା ପାଇଁ ଉନ୍ନତ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରିଛି । ଏହି ଅବସରରେ କେନ୍ଦ୍ର ଗୃହ ସଚିବ ଏବଂ ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା କମିଶନରଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । କେନ୍ଦ୍ର ସରକାର ଜୁନ୍ ୧୬, ୨୦୨୫ରେ ଜନଗଣନା ୨୦୨୭ ପାଇଁ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରିଥିଲେ । ଏହା ପରେ, ଜନଗଣନା ୨୦୨୭ ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା । ଦୁଇ ପର୍ଯ୍ୟାୟ ଜନଗଣନା ୨୦୨୭ ହେଉଛି ବିଶ୍ୱର ସର୍ବବୃହତ ଜନଗଣନା ପ୍ରୟାସ । ପ୍ରଥମ ଥର ପାଇଁ, ଜନଗଣନା ଡିଜିଟାଲ୍ ଭାବରେ କରାଯିବ, ଏବଂ



ପ୍ରଥମ ଥର ପାଇଁ, ସ୍ୱୟଂ-ଗଣନାର ବିକଳ୍ପ ମଧ୍ୟ ପ୍ରଦାନ କରାଯାଉଛି । ମାସ୍କଟ 'ପ୍ରଗତି' ଏବଂ 'ବିକାଶ' 'ପ୍ରଗତି' (ମହିଳା ଗଣନାକାରୀ) ଏବଂ 'ବିକାଶ' (ପୁରୁଷ ଗଣନାକାରୀ) ମାସ୍କଟକୁ ଜନଗଣନା-୨୦୨୭ର ବନ୍ଧୁତ୍ୱପୂର୍ଣ୍ଣ, ସମ୍ପର୍କଯୁକ୍ତ ଚେହେରା ଭାବେ ଉନ୍ମୋଚନ କରାଯାଇଥିଲା । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସଂକଳ୍ପକୁ ପୂରଣ କରିବାରେ ମହିଳା ଏବଂ ପୁରୁଷଙ୍କ ସମାନ ଅଂଶଗ୍ରହଣର ପ୍ରତୀକ ମଧ୍ୟ ଏହି ମାସ୍କଟ୍ । ଏହି ମାସ୍କଟ୍ ମାଧ୍ୟମରେ, ୨୦୨୭ ଜନଗଣନା ସମ୍ବନ୍ଧୀୟ ସୂଚନା, ଉଦ୍ଦେଶ୍ୟ ଏବଂ ପ୍ରମୁଖ ବାର୍ତ୍ତା ସମାଜର ବିଭିନ୍ନ ବର୍ଗରେ ଏକ ପ୍ରଭାବଶାଳୀ ଏବଂ ନାଗରିକ ଅନୁକୂଳ ଢଙ୍ଗରେ ପ୍ରସାରିତ ହେବ । ଚାରୋଟି ଡିଜିଟାଲ୍ ଉପକରଣ ୨୦୨୭ ଜନଗଣନା ଡିଜିଟାଲ ଉପକରଣ ବ୍ୟବହାର କରି କରାଯାଇଥିବା ଭାରତର ପ୍ରଥମ ଜନଗଣନା ହେବ । କେନ୍ଦ୍ରଗୃହମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଚାରୋଟି ଡିଜିଟାଲ ପ୍ଲାଟଫର୍ମ ହେଉଛି:୧ ହାଉସଲିସ୍ଟିଂ ବ୍ଲକ୍ କ୍ରିଏଟର୍ (ଏଚ୍.ଏଲ୍.ବି.ସି.) ୱେବ୍ ଆପ୍ଲିକେସନ୍: ଏକ ୱେବ୍-ମ୍ୟାପ୍ ଆପ୍ଲିକେସନ୍ ଯାହା ଦାୟିତ୍ୱରେ ଥିବା ଅଫିସରମାନଙ୍କୁ ସାଟେଲାଇଟ୍ ଚିତ୍ର ବ୍ୟବହାର କରି ଡିଜିଟାଲ୍ ଭାବରେ ଘର ତାଲିକା ବ୍ଲକ୍ ସୃଷ୍ଟି କରିବାକୁ ସକ୍ଷମ କରିଥାଏ, ଯାହା ସାରା ଦେଶରେ ମାନକ ଭୌଗୋଳିକ କଭରେଜ୍ ନିଶ୍ଚିତ କରେ ।

## ଅଳ୍ପରେ ଖବର

» କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ରୀୟ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ।

» ବିଜୁ ବାବୁଙ୍କ ଅନେକ ସ୍ୱପ୍ନ ଆଜି ବି ଅଧୁରା । ଆମ ସରକାର ତାଙ୍କ ସ୍ୱପ୍ନ ପୂରଣ ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେଇଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

» ଘରୋଇ ସୁନା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ରହିଛି । ସେହିପରି, ରୂପାର ମୂଲ୍ୟ ମଧ୍ୟ କିଲୋଗ୍ରାମ ପ୍ରତି ୧୦,୦୦୦ ହ୍ରାସ ପାଇଛି ।

» ଛତିଶଗଡ଼ ରାଜ୍ୟର ଦନ୍ତେୱାଡା ଜିଲ୍ଲାର ଗିଦାମ ଥାନା ଅନ୍ତର୍ଗତ ଗୁମଲନାର, ଗିରସାପାରା ଏବଂ ନେଲଗୋଡା ମଧ୍ୟରେ ଜଙ୍ଗଲ ଏବଂ ପାହାଡ଼ିଆ ଅଂଚଳରେ ଏକ ଏନକାଉଂଟରରେ ଜଣେ ନକ୍ସଲ ନିହତ ହୋଇଛି । ତାକୁ ଧରାଇଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ପୂର୍ବରୁ ଘୋଷିଣା ହୋଇଥିଲା ।

## ଜୟଶଙ୍କରଙ୍କୁ ଭେଟିଲେ ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକ୍ସଜାଣ୍ଡାର ଷ୍ଟବ୍

ନୂଆଦିଲ୍ଲୀ : ସୁଦୃଢ଼ ହେବ ଭାରତ ଓ ଫିନଲ୍ୟାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ । ଉଭୟ ଦେଶ ସମ୍ପର୍କକୁ ନୂଆ ଶିଖରକୁ ନେବା ପାଇଁ ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକ୍ସଜାଣ୍ଡାର ଷ୍ଟବ୍ ଏବେ ଭାରତ ଗସ୍ତରେ ଅଛନ୍ତି । ଗୁରୁବାର ଦିନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ରାଷ୍ଟ୍ରପତି ଷ୍ଟବ୍‌ଙ୍କୁ ସାକ୍ଷାତ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ରାଷ୍ଟ୍ରପତି ଷ୍ଟବ୍ ଭାରତରେ ପହଂଚିବା ପରେ ତାଙ୍କୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଥିଲା । ବିଦେଶ ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ଭି. କେ. ସିଂହ ତାଙ୍କୁ ସ୍ୱାଗତ କରିବା ସହ ରାଷ୍ଟ୍ରପତିଙ୍କୁ 'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଥିଲା । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ସୋସିଆଲ ମିଡିଆ ମାଧ୍ୟମରେ ଏହି ସାକ୍ଷାତକାର ବିଷୟରେ ସୂଚନା ଦେଇଛନ୍ତି । ତାଙ୍କ କହିବା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦିଙ୍କ ସହ ରାଷ୍ଟ୍ରପତି ଷ୍ଟବ୍‌ଙ୍କ ଆଗାମୀ ବୈଠକ ଭାରତ-ଫିନଲ୍ୟାଣ୍ଡ ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ । ଚଳିତ ବର୍ଷର 'ରାଇସିନା ଡାଏଲଗ୍ ୨୦୨୬'ରେ ଫିନଲ୍ୟାଣ୍ଡ ରାଷ୍ଟ୍ରପତି ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଉଛନ୍ତି । ବିଶ୍ୱର ଭୂ-ରାଜନୀତି ଏବଂ ଅର୍ଥନୀତି ଉପରେ ତାଙ୍କର ଅଭିଭାଷଣକୁ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, 'ଭାରତ ଏବଂ ଫିନଲ୍ୟାଣ୍ଡ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବଜାୟ ରଖିଛନ୍ତି । ଏହି ଗସ୍ତ ଆମର ଭାଗିଦାରୀକୁ ଏକ ନୂତନ ଶକ୍ତି ପ୍ରଦାନ କରିବ । ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ପ୍ରତିନିଧି ଦଳରେ ଫିନଲ୍ୟାଣ୍ଡର ବହୁ ବରିଷ୍ଠ ମନ୍ତ୍ରୀ, ଅଧିକାରୀ ଏବଂ ବ୍ୟବସାୟିକ ନେତୃବୃନ୍ଦ ସାମିଲ ଅଛନ୍ତି । ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଣିଜ୍ୟ ଏବଂ ନିବେଶ କ୍ଷେତ୍ରରେ ସହଯୋଗ ବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ଜ୍ଞାନକୌଶଳର ଆଦାନପ୍ରଦାନ, ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ମିଳିତ ମୁକାବିଲା ।

## 'ଗୋ-ହୋମଷ୍ଟେ' ପୋର୍ଟାଲର ଶୁଭାରମ୍ଭ କଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର: ଆଜି ଭୁବନେଶ୍ୱର ସ୍ଥିତ ଲାଇଫ୍ ହୋଟେଲରେ 'ଗୋ-ହୋମଷ୍ଟେ' ପୋର୍ଟାଲର ଶୁଭାରମ୍ଭ ହୋଇଯାଇଛି । ଏହାକୁ ଶୁଭାରମ୍ଭ କରି ଓଡ଼ିଶାରେ ସମୁଦାୟ-ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଅଂଶୀଦାରମାନଙ୍କୁ ସଚେତନ କରିବା ଏବଂ 'ଓଡ଼ିଶା ହୋମଷ୍ଟେ ସ୍କିମ୍ ୨୦୨୫' କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ହୋମଷ୍ଟେ କର୍ମଶାଳା' ସହିତ ଏହି ଶୁଭାରମ୍ଭ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହୋମଷ୍ଟେଗୁଡ଼ିକ କେବଳ ରହିବା ପାଇଁ ସୁବିଧା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟର ଏକ ଦ୍ୱାର । ସେ କହିଛନ୍ତି ଯେ 'ଗୋ-ହୋମଷ୍ଟେ' ପୋର୍ଟାଲ୍ ଆଶାୟୀ ହୋମଷ୍ଟେ ମାଲିକମାନଙ୍କ ପାଇଁ ସ୍ୱଚ୍ଛତା, ସୁଗମତା ଏବଂ



ବ୍ୟବସାୟିକ ସହଜତା ନିଶ୍ଚିତ କରିବା ସହିତ ତୃଣମୂଳ ସ୍ତରରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ପଦକ୍ଷେପ ପର୍ଯ୍ୟଟନ-ଭିତ୍ତିକ ବିକାଶ ମାଧ୍ୟମରେ ଗ୍ରାମାଂଚଳର ପରିବାର, ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରି ଅନ୍ତର୍ଭୁକ୍ତ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସହ ସମାନ୍ତରାଳ ରହିଛି । ଏହି କର୍ମଶାଳାରେ ଯୋଜନାର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନା, ବୈଷୟିକ ଦଳ ଦ୍ୱାରା ପୋର୍ଟାଲର ପରିଚାଳନା ପ୍ରଦର୍ଶନ ଏବଂ 'ହୋମଷ୍ଟେଜ୍ ଅଫ୍ ଇଣ୍ଡିଆ' ଓ 'ସ୍ୱନିର ୱାଇଲ୍ଡରନେସ୍ ହୋମଷ୍ଟେ'ର ପ୍ରତିନିଧିମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିଜ୍ଞ ହୋମଷ୍ଟେ ମାଲିକମାନଙ୍କ ସହ ପ୍ୟାନେଲ୍ ଆଲୋଚନା ମଧ୍ୟ କରାଯାଇଥିଲା, ଯେଉଁଥିରେ ସେମାନେ ସଫଳତାର କାହାଣୀ ଏବଂ ଶ୍ରେଷ୍ଠ କାର୍ଯ୍ୟଶୈଳୀ ବାବଦରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏଲଏମର ନିର୍ଦ୍ଦେଶିକା-ତଥା-ସିଇଓ ମୋନିକା ପ୍ରିୟଦର୍ଶିନୀ;ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ; ଆର୍ଥିକ ଅନୁଷ୍ଠାନର ପ୍ରତିନିଧି, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହୋମଷ୍ଟେ ମାଲିକ, ହୋମଷ୍ଟେଜ୍ ଅଫ୍ ଇଣ୍ଡିଆର ବିଶେଷଜ୍ଞ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ ।

## ସଚିବସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଆଜି ପୂର୍ବାହ୍ନରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟର ଆର୍ଥିକ ସ୍ଥିତି ଏବଂ ୨୦୨୬ ଫେବୃଆରୀ ମାସ ଶେଷ ସୁଦ୍ଧା ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦିତ ଖର୍ଚ୍ଚ ଅଗ୍ରଗତି ସଂପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ଧାର୍ଯ୍ୟ ସମୟ ଚଳିତ ମାସ ଶେଷ ସୁଦ୍ଧା ବଜେଟ୍ ଅନୁମୋଦନ ହିସାବରେ ଖର୍ଚ୍ଚ ଉପଯୋଗ କରିବା ଏବଂ ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ରେ ପ୍ରସ୍ତାବିତ ନୂତନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରସ୍ତୁତି କରିବାକୁ ବିଶେଷ ଦୃଷ୍ଟି ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

## ପାରାଦୀପରେ ପ୍ରତିଷ୍ଠା ହେବ ହାଇଜିନିକ୍ ମାଛ ବଜାର

ଭୁବନେଶ୍ୱର : ପାରାଦୀପ ନିର୍ବାଚନ ମଣ୍ଡଳୀରେ ମାଛ ଚାଷୀ ଓ ଖାଉଟିଙ୍କ ସୁବିଧା ପାଇଁ ଏକ ଅତ୍ୟାଧୁନିକ ତଥା ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ । ପ୍ରକଳ୍ପ ପାଇଁ ହସ୍ତକ୍ଷେପ କରିବା ସହ ତୁରନ୍ତ ସମ୍ବଳ ଆବଂଟନ ପାଇଁ ସେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଅନୁରୋଧ କରିଛନ୍ତି । ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ନଦୀ ରହିଥିବା ବେଳେ ଏହା ବଙ୍ଗୋପସାଗର କୂଳରେ ଅବସ୍ଥିତ । ତେଣୁ ଏଠାରେ ପ୍ରଚୁର ପରିମାଣରେ ସାମୁଦ୍ରିକ ମାଛ ଉପଲବ୍ଧ ହୋଇଥାଏ । ଏହି ଅଂଚଳରେ ଜନସଂଖ୍ୟାର ଏକ ବଡ଼ ଭାଗ ମାଛ ଧରିବା ଓ ଏହାର ବ୍ୟବସାୟ ଉପରେ ନିର୍ଭର କରି ନିଜର ଗୁଜରାଣ ମେଂଟାଇଥାନ୍ତି ।



ଏହା ସହ ସ୍ଥାନୀୟ ଲୋକଙ୍କ ନିତିଦିନିଆ ଖାଇବାରେ ମାଛ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ତେବେ ବର୍ତ୍ତମାନ ପାରାଦୀପରେ ଥିବା ମାଛ ବଜାରଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ । ସେଠାରେ ସ୍ୱଚ୍ଛତାର ଅଭାବ ରହିବା ସହ ଭିତିଭୂମି ମଧ୍ୟ ଦୁର୍ବଳ ରହିଛି । ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ମାଛର ଗୁଣବତା ହ୍ରାସ ପାଉଛି, ଯାହା ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ତେଣୁ ଏକ ଆଧୁନିକ ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି । ପ୍ରସ୍ତାବିତ ଆଧୁନିକ ମାଛ ବଜାରରେ ପରିମଳ ବ୍ୟବସ୍ଥା, ବରଫ ଭିତିକ ସଂରକ୍ଷଣ, ଉନ୍ନତ ଭିତିଭୂମି ଏବଂ ଶୀତଳ ଭଣ୍ଡାର ସୁବିଧା ଉପଲବ୍ଧ ରହିବ । ଏହିପରି ଆଧୁନିକ ବଜାର ପ୍ରତିଷ୍ଠା ହେଲେ ପରିବେଶ ଦୂଷିତ ହେବାର ଆଶଙ୍କା ହ୍ରାସ ପାଇବା ସହ ସତେଜ ମାଛ ଓ ସର୍ବୋଚ୍ଚ ସୁରକ୍ଷା ମାନ ସୁନିଶ୍ଚିତ କରାଯାଇପାରିବ । ଏହି ପ୍ରକଳ୍ପ ଦ୍ୱାରା ପାରାଦୀପ ଅଂଚଳର ମାଛ ବ୍ୟବସାୟରେ ବଡ଼ ପରିବର୍ତ୍ତନ ଆସିପାରିବ ଏହା କେବଳ ବ୍ୟବସାୟୀଙ୍କୁ ଲାଭବାନ କରିବ ନାହିଁ, ବରଂ ଗ୍ରାହକମାନେ ମଧ୍ୟ ଉଚ୍ଚ ମାନର ଓ ସ୍ୱାସ୍ଥ୍ୟକର ମାଛ ପାଇପାରିବେ । ଦୀର୍ଘ ଦିନ ଧରି ଅଂଚଳବାସୀ ଏନେଇ ଦାବି କରୁଥିବା ବେଳେ ଏହି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପତ୍ର ଲେଖିଛନ୍ତି ।





# ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ ଶୀର୍ଷକର ପଥପ୍ରାନ୍ତ ସଭା ଅନୁଷ୍ଠିତ




ବାଲେଶ୍ୱର, (ନି.ପ୍ର): 'ଯୁଦ୍ଧ ନୁହେଁ ଶାନ୍ତି ଚାହୁ, ମୃତ୍ୟୁ ନୁହେଁ ଜୀବନ ଚାହୁଁ' ଶୀର୍ଷକରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ବିଚାରଗଞ୍ଜ ଛକ ପାଖରେ ଏକ ପଥପ୍ରାନ୍ତ ସଭା ହୋଇଯାଇଛି । ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍‌ର ସାମରିକ ଆକ୍ରମଣକୁ ସଭାରେ ଦୃଢ଼ ନିନ୍ଦା କରି ବାମପନ୍ଥୀ ଓ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ନେତୃମଣ୍ଡଳୀ ବକ୍ତବ୍ୟ ଦେଇଥିଲେ । ସିପିଆଇର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସିପିଆଇ (ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଅନ୍ୟତମ ଆବାହକ ଆଇନଜୀବୀ ମହମ୍ମଦ ଇସଲାମଙ୍କ ସମେତ ନିର୍ମଳ ନାୟକ, ଶ୍ୟାମସୁନ୍ଦର ଜେନା, ପ୍ରେମ ରଂଜନ ପାତ୍ର, ଜତିନ୍ ପାତ୍ର ପ୍ରମୁଖ ଏହି ଯୁଦ୍ଧ ଫଳରେ ଭାରତବର୍ଷ କିପରି ପ୍ରଭାବିତ ହେବ ଓ ପେଟ୍ରୋଲିୟମ୍‌ଜାତ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧି ଘଟିବ ବୋଲି ସେମାନେ କହିଥିଲେ । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ୍ ଇରାନ୍ ଉପରେ କରାଯାଇଥିବା ଯୋଜନାବଦ୍ଧ ଏକତରଫା ଆକ୍ରମଣ ଘଟଣା ଆନ୍ତର୍ଜାତୀୟ ଆଇନ ଓ ଜାତିସଂଘ ସମ୍ବିଧାନର ମୌଳିକ ନୀତିକୁ ଗୁରୁତର ଉଲଙ୍ଘନ କରୁଛି ଏବଂ ଏହି ଯୁଦ୍ଧ ଫଳରେ ବହୁ ବେସାମରିକ ଲୋକଙ୍କ ମୃତ୍ୟୁ ଘଟଣାକୁ ସେମାନେ ଦୃଢ଼ ନିନ୍ଦା କରିଛନ୍ତି । ବିଶ୍ୱର ସମସ୍ତ ତୈଳ ସମ୍ପଦର ମାଲିକ ହେବାକୁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ୍ ଯେଉଁଭଳି ଉଦ୍ୟମ କରୁଛନ୍ତି ତାହା ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପରିସ୍ଥିତି ସୃଷ୍ଟି କରୁଛି । ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ୍ ଗସ୍ତ କରିବାର ମାତ୍ର କିଛି ଘ□ା ପରେ ଇସ୍ରାଏଲ୍ ଏହି ଆକ୍ରମଣ କରିଥିବାରୁ ଭାରତ ସରକାରଙ୍କର ଉକ୍ତ ଯୁଦ୍ଧ ପ୍ରତି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଓ ନୀତି ଘୋଷଣା କରିବା ଉଚିତ । ବିଦେଶରେ ରହୁଥିବା ଭାରତୀୟମାନଙ୍କ ସୁରକ୍ଷା ଦିଗରେ ସରକାରୀ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଘୋଷଣା ହେବା ଉଚିତ ବୋଲି ବକ୍ତାମାନେ ମତ ଦେଇଥିଲେ ।

ଏହି ପଥପ୍ରାନ୍ତ ସଭାରେ ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବାବେଳେ ବନ୍ଦନା ବିଶ୍ୱାସ ଧନ୍ୟବାଦ ଦେଇଥିଲେ । ଷ୍ଟାଲିନ୍ ମିଶ୍ର ସ୍ୱରଚିତ କବିତା 'ଟ୍ରମ୍ପ୍ ହୁଅ ହୁସିଆର' ଶୀର୍ଷକ କବିତା ପାଠ କରିଥିଲେ ।

# 'ସୁପୋଷିତ ଓଡିଶା ମିଶନ' କର୍ମଶାଳା ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.) ଆଜି ୧୦.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହୋଲରେ ଜିଲ୍ଲା ସ୍ତରୀୟ 'ସୁପୋଷିତ ଓଡିଶା ମିଶନ' କର୍ମଶାଳା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ଉପ ଜିଲ୍ଲାପାଳ, ଶ୍ରୀଯୁକ୍ତ ଶିବ ମାଲବ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସୁରୁଖୁରୁରେ ପରିଚାଳିତ ହୋଇଥିଲା । ଏହି କର୍ମଶାଳାରେ ରାଜ୍ୟ ସ୍ତରୀୟ ତାଲିମ ଦାତ୍ରୀ କୁମାରୀ ଇଶିକା ଡାଗା 'ସୁପୋଷିତ ଓଡିଶା ମିଶନ' ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିଥଲେ । ଗର୍ଭବତୀ ମହିଳା, ୧ ରୁ ୬ ବର୍ଷର ଶିଶୁ ଓ ମା ମାନେ କିପରୀ କୁପୋଷଣରୁ ମୁକ୍ତ ହୋଇପାରିବ, ସେହି ବାବଦରେ ସେ ଆଲୋଚନା କରିଥଲେ । ଆଗାମୀ ୨୦୨୯ ମସିହା ସୁଦ୍ଧା ଶତ ପ୍ରତିଶତ ପୁଷ୍ଟିହୀନତା ମୁକ୍ତ ଓଡିଶା ଗଠନ, ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ବାଲେଶ୍ୱର ଜିଲ୍ଲାକୁ କିପରି କମ୍ ସମୟ ମଧ୍ୟରେ, ସହଜରେ ପୁଷ୍ଟିହୀନତା ମୁକ୍ତ ହୋଇପାରିବ, ସେହି ସମ୍ବନ୍ଧରେ ସେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।ପୁଷ୍ଟିହୀନତା ମୁକ୍ତ ବାଲେଶ୍ୱର ଗଠନ କରିବା ପାଇଁ କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସେ ଶପଥ କରାଇଥିଲେ । ବାଲେଶ୍ୱର ଜିଲ୍ଲାର ସମସ୍ତ ସିଡ଼ିପିଓ, ସୁପରଭାଇଜର ଓ ଅଙ୍ଗନୱାଡ଼ି ଦିଦି ମାନଙ୍କ ସମେତ ବ୍ଲକ ଏବଂ ଜିଲ୍ଲା ସ୍ତରୀୟ ଅନେକ ଅଧିକାରୀ ଗଣ ଏହି କର୍ମଶାଳାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଶେଷରେ ଜିଲ୍ଲା ସଂଯୋଜକ, ପୋଷଣ, ଶ୍ରୀମତୀ ପଲ୍ଲୀଶ୍ରୀ ଦେବୀ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଦ୍ଧାଶ୍ରମରେ ଫଗୁ ଉତ୍ସବ ପାଳିତ




ବାଲେଶ୍ୱର(ନି.ପ୍ର.)ସ୍ନେହ ପ୍ରେମ ଓ ଭାଇଚାରାର ପର୍ବ ହେଉଛି ହୋଲି । ଯାହାକୁ ଫଗୁ ଉତ୍ସବ ନାମରେ ମଧ୍ୟ ଅଭିହିତ କରାଯାଇଥାଏ । ବର୍ଷରେ ଥରେ ଏହି ଉତ୍ସବକୁ ପାଳନ କରିବା ପାଇଁ ଗାଁ ରୁ ସହର, ମଠ ମନ୍ଦିର ସବୁଠି ସମସ୍ତେ ଖୁବ୍ ଧୁମଧାମରେ ପାଳନ କରିଥାନ୍ତି । ଏହି ଅବସରରେ ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ଈଶ୍ୱର କୃପା ୱେଲଫାୟାର ଟ୍ରଷ୍ଟ ପକ୍ଷରୁ ଯୁବ ସାମ୍ବାଦିକ ୰ଶୁଭଙ୍କର ପିରିଙ୍କ ସ୍ମୃତିରେ ରେମୁଣା ବ୍ଲକ ଅନ୍ତର୍ଗତ ବାଲିଆ ଗ୍ରାମପଂଚାୟତସ୍ଥ କୁକୁଡ଼ାପଦା ଠାରେ ଉତ୍ସର୍ଗ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନେଇ ଫଗୁ ଉତ୍ସବ ପାଳନ କରାଯାଇଥିଲା । ବର୍ତମାନ ସମୟରେ ଯୁବଗୋଷ୍ଠୀ ବୃଦ୍ଧା ବାପା ମାଙ୍କୁ ଅବହେଳା କରିବା ସହିତ ନିର୍ଯ୍ୟାତନା ଦେଉଛନ୍ତି ଯାହା ଫଳରେ ବୃଦ୍ଧ ପିତାମାତା ଆଶ୍ରମର ସାହାରା ନେଉଛନ୍ତି । ସେହି ବାପା ମାଆଙ୍କ ମନରେ ହସ ଫୁଟାଇବା ପାଇଁ ସଙ୍ଗଠନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ପୂର୍ବତନ ଏବିଓ ବିକର୍ତନ ନାୟକ, ବାସ୍ତୁବିଦ୍ ମନ୍ମଥ ମିଶ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ ସତ୍ୟଭାମା ମୁଦୁଲି, ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ନାୟକ, ଯୁବ ଡ଼ାକ୍ତର ଲକ୍ଷ୍ମଣ ସାମଲ ପ୍ରମୁଖ ଯୋଗଦେଇ ପିତା ମାତାଙ୍କୁ ଅବହେଳା ନକରି ବାକୁ ନିଜ ବକ୍ତବ୍ୟ ମାଧ୍ୟମରେ ସମାଜକୁ ବାର୍ତା ଦେଇଥିଲେ । ଟ୍ରଷ୍ଟର ସଭାପତି ସାମ୍ବାଦିକ ସରୋଜ କୁମାର ସାହୁ, ମୁଖ୍ୟ ଟ୍ରଷ୍ଟି ସାମ୍ବାଦିକ ଲୋକନାଥ ପିରି, ସମ୍ପାଦିକା ଅମିତା ପିରି, ଶକ୍ତି କୁମାର ଦାସ, ମଞ୍ଜୁଲତା ଦାସ,ପ୍ରୀତିଲତା ପିରି, ଲଳିତା ପିରି ପ୍ରମୁଖ ଉପସ୍ଥିତ ରହି ବୃଦ୍ଧ ମା ବାପାଙ୍କ ପାଦରେ ଫଗୁ ଦେବା ସହିତ ମିଷ୍ଟାନ ଖୁଆଇ ଆଶୀର୍ବାଦ ଭିକ୍ଷା କରିଥିଲେ ।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ :ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର(ନି.ପ୍ର.)ଗତ ଚାରି ତାରିଖ ଦିନ ପ୍ରାୟ ବାର ଘଟିକା ସମୟ ରେ ଟାଉନ ଥାନା ଅନ୍ତର୍ଗତ ଆକତପୁର ରେ ସତେଇଶ ବର୍ଷ ବୟସ୍କ ଯୁବକ ସୁରଜ ସିଂ ଙ୍କୁ କିଛି ଅପରାଧୀ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ କରିଥିବା ଥାନା ରେ ଅଭିଯୋଗ ହୋଇଛି । ଶ୍ରୀ ସିଂ ଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅବସ୍ଥା ସଂକଟପନ୍ନ ହେବାରୁ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଆଜି ଭୋର ସମୟ ରେ ତାଙ୍କର ବଡ଼ ମେଡିକାଲ ରେ ଦେହାନ୍ତ ହୋଇଯାଇଥିବା ଜଣା ପଡିଛି. ଟାଉନ ଥାନା ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି । ତେବେ ଆସାମୀ ମାନଙ୍କୁ ଗିରଫ କରାଯାଇପାରିନାହିଁ ।କେଉଁ ନିର୍ଦ୍ଦିଷ୍ଟ କାରଣ ରୁ ସୁରଜ ଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା ସେ ସମ୍ପର୍କ ରେ ପରିବାର ଲୋକ କୌଣସି ତଥ୍ୟ ଦେଇପାରି ନାହାନ୍ତି ।

## ଆଜିମାବାଦରେ ଦାଦା ବଟି ଆଦାୟ ବେଳେ ଧରିଲା ପୋଲିସ

ବାଲେଶ୍ୱର(ନି.ପ୍ର.) ଗତ କାଲି ଦିନ ଏଗାର ଟା ସମୟ ରେ ଭୋଇ ସାହି ଅଂଚଳ ର ଯୁବକ ସହଦ୍ୱେ ଖୁ[। ଥାନା ଅଂଚଳ ର ଆଜିମାବାଦ ରେ ଦୋକାନ ଦୋକାନ ବୁଲି ଦାଦା ବଟି ଆଦାୟ କରିବା ସହ ହାତ ରେ ଧରିଥିବା ଏକ ଦେଶୀ ପିସ୍ତଲ ଦେଖାଇ ଦୋକାନୀ ମାନଙ୍କୁ ଧମକ ଦେଉଥିଲା । ଏ ସମ୍ପର୍କ ରେ ଆଜିମାବାଦ ର କିଛି ଦୋକାନୀ ଥାନା କୁ ଫୋନ କରି ଜଣାଇବାରୁ ପୋଲିସ ତୁରନ୍ତ ପହଂଚି ଯୁବକ କୁ କାବୁ କରି ଥାନା କୁ ନେଇ ପଚରା ଉଚୁରା କରିବା ସହ ଏକ ଦେଶୀ ପିସ୍ତଲ ଜବତ କରିଛି । ଗିରଫ ହୋଇଥିବା ଯୁବକ ର ନାମ ତନ୍ମୟ ଭୂୟାଁ ବୋଲି ଜଣା ପଡିଛି. ଆଜି ଆସାମୀ କୁ କୋର୍ଟ ଚାଲାଣ କରାଯାଇଛି ।

# 'ସୃଷ୍ଟି' ଓ 'ଅଭ୍ୟୁଦୟମ' ପକ୍ଷରୁ 'କଥା ଓ କବିତା'ରେ ପାଳିତ ହେଲା ଫଗୁଣର ହୋଲି ମିଳନ

ବାଲେଶ୍ୱର (ନି.ପ୍ର.): ସଦର ବ୍ଲକ ଗେଙ୍ଗୁଟି ପଂଚାୟତ ପଳାସପୁର ଛକ ଠାରେ 'କଥା ଓ କବିତା'ରେ ହୋଲି ପାଳିଲେ ଅଂଚଳବାସୀ ।ସ୍ଥାନୀୟ ସାମାଜିକ ଅନୁଷ୍ଠାନ 'ସୃଷ୍ଟି' ଓ 'ଅଭ୍ୟୁଦୟମ'ର ମିଳିତ ସହଯୋଗରେ ନିଆରା ଭାବରେ ପ୍ରଥମ ଥର ପାଇଁ ଗ୍ରାମୀଣ ପରିବେଶରେ ରଙ୍ଗର ପର୍ବ ହୋଲି ପାଳନ କରାଯାଇଛି । ଏହି ଅବସରରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣାର ବରେଣ୍ୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ହୋଇ ଅଂଚଳ ବାସୀଙ୍କୁ ଉଦବୋଧନ ଦେବାସହ, ରାସାୟନିକ ରଙ୍ଗ ବ୍ୟବହାର ନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । କୁରୁଡ଼ା ଛକ ଠାରୁ ଭାୟା ପଳାଶପୁର ଛକ ଦେଇ ମଠସାହି ପର୍ଯ୍ୟନ୍ତ ଚୌଡାଯୁକ୍ତ ରାସ୍ତା ରାସ୍ତା ଖୁବନିକଟରେ ଆରମ୍ଭ ହେବ ବୋଲି କଥା ରଖିଥିଲେ ।




ଏହା ଅଂଚଳ ବାସୀଙ୍କୁ ହୋଲିର ଭେଟି ବୋଲି କଥା ଛଳରେ ପ୍ରକାଶ କରିଥିଲେ । ହୋଲିରେ ସମ୍ପୂର୍ଣ୍ଣ ନିଶା ମୁକ୍ତ ବାତାବରଣର ବାର୍ତା ନେଇ, ଅନ୍ୟମାନଙ୍କ ମଧ୍ୟରେ 'ପ୍ରତିଭାଶ୍ରୀ'ର ମୁଖ୍ୟ କବି ପ୍ରଶାନ୍ତ ଦାସ, ପ୍ରାକ୍ତନ ସରପଂଚ ବିରୁପାକ୍ଷ୍ୟ ମହାପାତ୍ର, ଯୁବକବି ମଧୁସୂଦନ ମିଶ୍ର, ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ, ପ୍ରଭାକର ସାହୁ, 'ସୃଷ୍ଟି'ର ମୁଖ୍ୟ ସନତ କୁମାର ପରିଡା, ଜୟନ୍ତ ହଂସ ରାଜ, ଡାକ୍ତର ସମୀକ୍ଷା ଦାଶ, ଇଂ ଦେବେନ୍ଦ୍ର ଧିନ୍ଦା ପ୍ରମୁଖ ଉପସ୍ଥିତ ହୋଇ କଥା ଓ କବିତା ରଖିଥିଲେ । କବି ସୁଧାକର ସେଠୀ ମଂଚ ପରିଚାଳନା କରିଥିବା ବେଳେ ଶକ୍ତି ପ୍ରସାଦ ରାଉତ ମଂଚ ଆହ୍ୱାନ ଓ ଦେବୀ ପ୍ରସାଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁରଜ ପରିଡା, ଦିବ୍ୟଜ୍ୟୋତି ରାଉତ,ସୁଧାକର ରାଉତ,ଭଗବାନ ସାହୁ, ରଜନୀକାନ୍ତ ସାହୁ, ପରମା ନନ୍ଦ ସିଂହ, ଶୁଭ୍ରାଂଶୁ ରାଉତ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ଧାନପାଇଁ କମ୍ୟୁନିଷ୍ଟ ପାର୍ଟି ଅଂଟା ଭିଡ଼ିଲା




ବାଲେଶ୍ୱର (ନି.ପ୍ର.): ସମ୍ପ୍ରତି ଜିଲ୍ଲାରେ ଧାନ ବିକ୍ରୀ କରିବାକୁ ଚାଷୀକୂଳ ରାସ୍ତାରେ ଧାନ ରଖି ଆନ୍ଦୋଳନ କରୁଛନ୍ତି କ୍ଷ ସରକାର ଧାନ କିଣିବା ପାଇଁ କୌଣସି ବ୍ୟବସ୍ଥା ନେଉନାହାନ୍ତି କ୍ଷ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ନ ଥିବା ବେଳେ ପ୍ରଶାସନ, ମିଲର, ସୋସାଇଟି ଏବଂ ସରକାରଙ୍କ ମଧୁଚନ୍ଦ୍ରିକା ହେତୁ ଏହି ଧାନ ବିକ୍ରୀ ନ ହୋଇ ଚାଷୀଙ୍କୁ ଶୋଷଣ କରି ବିଜେପିର ଡବଲ ଇଂଜିନ ସରକାର ବେଶ ପ୍ରତାରିତ କରୁଛି କ୍ଷ ସେହିପରି ଖଣି, ଖାଦାନ ଏବଂ ବାଲି ମାଫିଆଙ୍କ ଆକ୍ରମଣ ଓ ଆତଙ୍କ ଏହି ସମୟ ମଧ୍ୟରେ ଜିଲ୍ଲାରେ ବୃଦ୍ଧି ପାଇଛି ବୋଲି ଆଜିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ସିପିଆଇଏମ ମତ ପ୍ରକାଶ କରିଛି କ୍ଷ ପ୍ରଶାସନିକ ଅଫିସର, ଖଣି ମାଫିଆ ଏବଂ ସରକାରୀ ଦଳର ସହଯୋଗରେ ଏ ଭଳି କାର୍ଯ୍ୟ ଖୁଲମ ଖୁଲା ଚାଲିଛି ବୋଲି ସିପିଆଇଏମ ଦାବୀ କରିବା ସହିତ ସରକାରଙ୍କୁ ଚେତାବନୀ ଦେଇଛି କ୍ଷ ରେସନ କାର୍ଡ ଇ କେ ୱାଇ ସି ନାଁ ରେ ଅନେକ ପ୍ରକୃତ ହିତାଧିକାରୀଙ୍କୁ ରେସନ ପାଇବାରୁ ବଂଚିତ କରୁଛନ୍ତି କ୍ଷ ସେହିପରି ମନରେଗା ଯୋଜନା ବନ୍ଦ ହେଲା ପରେ ଦାଦନକୁ ଯିବା ସଂଖ୍ୟା ବଢିଚାଲିଛି କ୍ଷ ଇକୋ ସେନସିଟିଭ ନାଁରେ ନୀଳଗିରିରେ ଆଦିବାସୀ ମାନଙ୍କୁ ଉଚ୍ଛେଦ କରିବା ବିରୁଦ୍ଧରେ ଜିଲ୍ଲା ତମାମ ବ୍ୟାପକ ପ୍ରଚାର ଅଭିଯାନ ନେବା ସହିତ ଆସନ୍ତା ଏପ୍ରିଲ ମାସ ଏକ ରୁ ଦଶ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକରେ ବିକ୍ଷୋଭ ଆନ୍ଦୋଳନ ସଂଗଠିତ ହେବ ବୋଲି ଆଜିର ବୈଠକରେ ନିଷ୍ପତି ହୋଇଛି କ୍ଷ ଏଥିପାଇଁ ଆସନ୍ତା ୨୦,୨୧ଏବଂ ୨୨,ମାର୍ଚ୍ଚ ବାଲେଶ୍ୱର ଠାରେ ଭଦ୍ରକ, ଯାଜପୁର, ମୟୁରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ଆଗୁଆ କର୍ମୀ ମାନଙ୍କର କର୍ମଶାଳା ସଂଗଠିତ ହେବ ବୋଲି ଆଜିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ନିଷ୍ପତି ନିଆ ଯାଇଛି ବୋଲି ଜିଲ୍ଲା ସମ୍ପାଦକ ଶିଶିର ହୁଇ ଏଠାରେ ଏକ ବିବୃତିରେ ପ୍ରକାଶ କରିଛନ୍ତି କ୍ଷ ଆଜିର ବୈଠକ ସୀତାଂଶୁ ସେନାପତିଙ୍କ ଅଧକ୍ଷତାରେ ହେବା ସହିତ ବୈଠକରେ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ପ୍ରେମ ରଞ୍ଜନ ପାତ୍ର ଏବଂ ଦୀପ୍ତିମାନ ଆଚାର୍ଯ୍ୟ ପ୍ରଭୃତି ନେତୃତ୍ୱ ଉପସ୍ଥିତ ଥିଲେ ।

# TPNODL ପକ୍ଷରୁ ଲାଇନମେନ ଦିବସ ପାଳିତ

ବାଲେଶ୍ୱର,(ନି.ପ୍ର.) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ସମସ୍ତ ସେକ୍ସନ ତଥା କାର୍ଯ୍ୟାଳୟ ସ୍ତରରେ ଲାଇନମେନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେଙ୍କ ପୌରୋହିତ୍ୟରେ ବାଲେଶ୍ୱର କର୍ପୋରେଟ କାର୍ଯ୍ୟାଳୟରେ ପରିଚାଳନା ମୁଖ୍ୟ ନୀଲେଶ ପୋଟଫଡେ, କମର୍ସିଆଲ ମୁଖ୍ୟ ଜୟଦୀପ ରୟ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ମାନବ ସମ୍ବଳ ବିଭାଗ ମୁଖ୍ୟ ରମେନ୍ଦ୍ର ବନିକ, ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ର, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ଭଦ୍ରକ ବୈଦ୍ୟୁତିକ ମଣ୍ଡଳର ଅଧିକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଲାଇନମେନ ଦିବସର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ କମ୍ପାନୀର ସମସ୍ତ ଅଧିକାରୀ ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।ଲାଇନମେନ ଦିବସର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ସିଇଓ ଶ୍ରୀ କାଲେ ଦର୍ଶାଇଥିଲେ ଯେ, ଲାଇନମେନମାନେ ହେଲେ ଟିପିଏନଓଡ଼ିଏଲର ପ୍ରମୁଖ ଯୋଦ୍ଧା ଓ ଯେକୌଣସି ପରିସ୍ଥିତି ଅଥବା ପରିବେଶ ହେଉ ନା କାହିଁକି ଉପଭୋକ୍ତାମାନଙ୍କ ପାଇଁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇଦେବା ନେଇ ସେମାନେ ସର୍ବଦା ତତ୍ପର ରୁହନ୍ତି । ଲାଇନମେନଙ୍କ କାର୍ଯ୍ୟକୁଶଳତା ବୃଦ୍ଧି ପାଇଁ ଆଧୁନିକ ପ୍ରଯୁକ୍ତି ଓ ପ୍ରଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ବେଳେ ସେମାନଙ୍କ ସେବା, ସ୍ୱାଭିମାନ ତଥା ଦାୟିତ୍ୱବୋଧକୁ ସମ୍ମାନ ଦେବା ଏହି କାର୍ଯ୍ୟକ୍ରମ ତଥା ଟିପିଏନଓଡ଼ିଏଲର ମୂଳ ଆଭିମୁଖ୍ୟ ବୋଲି ସେ କହିଥିଲେ । ବୈଦ୍ୟୁତିକ ଲାଇନରେ କାମ କରିବା ପୂର୍ବରୁ ନିର୍ଦ୍ଧାରିତ ସମସ୍ତ ସୁରକ୍ଷା ପ୍ରାବଧାନକୁ ନିଶ୍ଚିତ ରୂପେ ମାନିବା ସହ ସବୁବେଳେ ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ କରିବାକୁ ମଧ୍ୟ ସେ ଲାଇନମେନମାନଙ୍କୁ ପରାମର୍ଶ ଦେଇଥିଲେ ।"ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ଦିଗରେ ସମସ୍ତଙ୍କୁ ସାମିଲ କରିବା, ଶିକ୍ଷିତ କରିବା ଓ ସଶକ୍ତ କରିବା" ବିଷୟବସ୍ତୁରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ୫୫ତମ ଜାତୀୟ ସୁରକ୍ଷା ମାସ ପାଳିତ ହେଉଥିବାବେଳେ ଟିପିଏନଓଡ଼ିଏଲ ପକ୍ଷରୁ କର୍ମଚାରୀମାନଙ୍କୁ ସମସ୍ତ ସୁରକ୍ଷା ପ୍ରାବଧାନ ଅନୁସରଣ କରିବାକୁ ପରାମର୍ଶ ଦିଆଯିବା ସହ କୌଣସି ପରିସ୍ଥିତିରେ ମଧ୍ୟ ସୁରକ୍ଷା ମାର୍ଗଦର୍ଶିକାକୁ ଅବମାନନା ନ କରିବା ପାଇଁ ଆଧିକାରିକ ନିର୍ଦ୍ଦେଶନାମା ଜାରି ହୋଇଛି । କମ୍ପାନୀ ପକ୍ଷରୁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ନେଇ କମ୍ପାନୀ ଅଧିକାରୀ ତଥା ସହକାରୀ ସଂସ୍ଥା କର୍ମଚାରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବହୁବିଧ କାର୍ଯ୍ୟକ୍ରମ ତଥା ପ୍ରତିଯୋଗୀତା ଆୟୋଜନର ଯୋଜନା ରହିଛି । ଟିପିଏନଓଡ଼ିଏଲର ପକ୍ଷରୁ ଲାଇନମେନ ଦିବସ ପାଇଁ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ସଚେତନତା



ଶୋଭାଯାତ୍ରା, ପୋଷ୍ଟର ରାଲି ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

## ୩ ଦିନ ବ୍ୟାପି ପାଳନ ହେବ 'ଆନ୍ତର୍ଜାତୀୟ ମହିଳା ଦିବସ'

ବାଲେଶ୍ୱର(ନି.ପ୍ର.) ଆସନ୍ତା ମାର୍ଚ୍ଚ ୮ ତାରିଖ ହେଉଛି ଆନ୍ତର୍ଜାତୀୟ ମହିଳା ଦିବସ । ଏଥି ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ମାର୍ଚ୍ଚ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ମନସ୍ଥ କରିଛି । ଏହା ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଆଇ ଟି ଆଇ ପଡ଼ିଆ ପରିସରରେ ଥିବା ଇଣ୍ଡର ଷ୍ଟାଡିୟମରେ ପ୍ରତିଦିନ ସକାଳ ୬.୩୦ ଘଟିକାରୁ ୯.୩୦ ଘଟିକା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯିବ । ଏଠାରେ ୩୫୦ ଜଣ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀ, ମହିଳା କ୍ରୀଡାବିତ୍, ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ଗୃହିଣୀ, ମହିଳା ପୋଲିସ୍ କର୍ମଚାରୀ, ବିଭିନ୍ନ ଏନଜିଓ ର ସଦସ୍ୟା ବୃନ୍ଦ ଏବଂ ବିଭିନ ସମ୍ପ୍ରଦାୟ ଗୋଷ୍ଠୀର ମହିଳା ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ୩ ଦିନ କାଳ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ କାର୍ଯ୍ୟକଳାପ ସବୁ ହେବ ।

# ଓୟୁଜେ ପାଳିଲା ହୋଲି ଉତ୍ସବ

ବାଲେଶ୍ୱର(ନି.ପ୍ର.)ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ପାରମ୍ପାରିକ ହୋଲି ଉତ୍ସବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଯାଇଛି । ୟୁନିଅନର ସଦସ୍ୟ ମାନେ ପରସ୍ପର ମଧ୍ୟରେ ରଙ୍ଗ ଓ ଅଭିର ଖେଳ କରି ବେଶ ମଜା ନେଇଥଲେ ।ଏଥି ସହିତ ସଦସ୍ୟ ମାନେ ପୃଥକ ପୃଥକ ଭାବେ ସରକାରୀ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ ଦତ, ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି,ସମାଜସେବୀ ଙ୍କୁ ଭେଟି ସେମାନଙ୍କ ସହ ରଙ୍ଗ ଓ ଅଭିର ଆଦାନ ପ୍ରଦାନ କରିଥିଲେ । ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଏବଂ ଆଗାମୀ ବଂଶଧରଙ୍କ ମଧ୍ୟରେ ରାଜ୍ୟର କଳା ସଂସ୍କୃତି ଓ ପରମ୍ପରା ସଂପର୍କରେ ଅବଗତ କରାଇବା ହେଉଛି ଏହି ଦିବସ ପାଳନ ର ତାତ୍ପର୍ଯ୍ୟ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିବା ସହ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ସଦସ୍ୟ ମାନଙ୍କ ଏଥିରେ ସାମିଲ ହେବା ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ ।



# ବାର୍ ନିର୍ବାଚନ ୨୮ରେ

ବାଲେଶ୍ୱର(ନି.ପ୍ର.) ରାଜ୍ୟ ଷ୍ଟେଟବାର କାଉନସିଲର ନିର୍ଦ୍ଦେଶରେ ୨୦୨୬-୨୭ ବର୍ଷପାଇଁ ଆସନ୍ତା ୨୮.୩.୨୬ରେ ବାଲେଶ୍ୱର ବାରର ନିର୍ବାଚନ ଓ ଫଳାଫଳ ଘୋଷଣା ହେବ ବୋଲି ବାଲେଶ୍ୱରର ବାରର ନିର୍ବାଚନ ଅଧିକାରୀ କାର୍ତିକ ପ୍ରସାଦ ସି ଗଣମାଧ୍ୟମକୁ ସୂଚନା ଦେଇକହିଛନ୍ତି । ସେ କହିଛନ୍ତି କି, ଆସନ୍ତା ୭ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର କ୍ରୟ ଏବଂ ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମ ଜାରି ରହିବ । ପ୍ରାର୍ଥୀମାନେ ଏହି ସମୟ ମଧ୍ୟରେ ନାମାଙ୍କନ ପତ୍ର ଭରିବା ସହ ୧୦ ତାରିଖ ଦିନ ପ୍ରାଥମିକ ଘୋଷଣା, ୧୧ ତାରିଖରେ ଯାଂଚ, ୧୨ ତାରିଖରେ ଯାଂଚ ପରେ ପ୍ରାର୍ଥିପତ୍ର ଘୋଷଣା, ୧୩ ତାରିଖରେ ପ୍ରାର୍ଥୀପତ୍ରୟ ପ୍ରତ୍ୟାହାର, ୧୪ ତାରିଖରେ ନାମାଙ୍କନ ପତ୍ର ଚୂଡ଼ାନ୍ତ ତାଲିକା ଘୋଷଣା ଏବଂ ୨୮ ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ, ୪ଟା ଠାରୁ ସେହିଦିନ ଭୋଟ ଗଣତି, ଗଣତି ପରେ ବିଜେତାଙ୍କ ତାଲିକା ଘୋଷଣା କରାଯିବ । ଏବଂ ଏହି ନିର୍ବାଚନ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳା ମଧ୍ୟରେ ଶେଷ କରିବା ପାଇଁ ନିର୍ବାଚନ ଅଧିକାରୀ କାର୍ତିକପ୍ରସାଦ ସି ସୂଚାନ ଦେଇଛନ୍ତି ।

# ଉପନିର୍ଦ୍ଦେଶକ (କେନ୍ଦ୍ରାଂଚଳ) ଭାବେ ଦାୟିତ୍ୱ ଗ୍ରହଣ କଲେ ଭବାନୀ ଶଙ୍କର ଭୂୟାଁ

କଟକ(ନିପ୍ର): ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଂଚଳ) ଭାବେ ଶ୍ରୀ ଭବାନୀ ଶଙ୍କର ଭୂୟାଁ ଦାୟିତ୍ୱ ଗ୍ରହଣ କରିଛନ୍ତି । କଟକ ସ୍ୱରାଜ ଆଶ୍ରମ ଠାରେ ଅବସ୍ଥିତ କାର୍ଯ୍ୟାଳୟରେ ସେ ଏହି ନୂତନ ଦାୟିତ୍ୱ ନେଇଛନ୍ତି । ଏଥିସହ ଶ୍ରୀ ଭୂୟାଁ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ । ଓଡ଼ିଶା ସୂଚନା ସେବା ଅଧିକାରୀ ଶ୍ରୀ ଭୂୟାଁ ୨୦୨୪ ଫେବୃଆରୀ ମାସରେ କଟକ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଜିଲ୍ଲାରେ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ଲୋକମାନଙ୍କ ନିକଟରେ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ସେ ସଫଳ ପରିଚାଳନା କରିଆସୁଛନ୍ତି । ଏହା ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଭୁବନେଶ୍ୱର ଜୟଦେବ ଭବନର ମ୍ୟାନେଜର ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି । ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ପାଥେୟ କରି ସେ ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବାରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ଏହି ଅବସରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କ ନେତୃତ୍ୱରେ କେନ୍ଦ୍ରାଂଚଳ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟକଳାପ ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

# ପାଣି ପାଇଁ ରାଜନୀତି: ରାସ୍ତା ଉପରେ ଗରା ବାଲତି ବସାଇ ପ୍ରତିବାଦ



ସଜନାଗଡ଼(ନିପ୍ର): ଗ୍ରାମକୁ ପାନୀୟ ଜଳ ଯୋଗାଣ ଟିକସ ବାବଦକୁ ଘର ପ୍ରତି ମାସକୁ ୨୦ ଟଙ୍କା ଦେୟ କୁ ନେଇ ହୋଇଛି ରାଜନୀତି । ଏନେଇ କିଛି ଗ୍ରାମବାସୀ ରାସ୍ତା ଉପରେ ଗରା ବାଲତି ବସାଇ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ଗ୍ରା.ପ. ଡାଳିମପାଳ ଗ୍ରାମରେ ଏଭଳି ଚିତ୍ର ସାମ୍ନାକୁ ଆସିଛି । ଗ୍ରାମର ୪ନମ୍ବର ୱାଡ଼ରେ ଥିବା ବସୁଧା ଯୋଜନା ଓଭର ହେଡ଼ ଟାଙ୍କି ପାଣି ୩ ନମ୍ବର ୱାଡ ଓ ୫ ନମ୍ବର ୱାଡର ୩ ଗୋଟି ୱାଡ଼ ର ପ୍ରାୟ ୩୦୦ରୁ ଉର୍ଦ୍ଧ ପରିବାରକୁ ଏହି ପାନୀୟ ଜଳ ଯୋଗାଣ ହୋଇଥାଏ । ଉକ୍ତ ପ୍ରକଳ୍ପ ରକ୍ଷଣା ବେକ୍ଷଣ ପାଇଁ ଘର ପ୍ରତି ମାସକୁ ୨୦ ଟଙ୍କା ଦେୟ ଦେବାକୁ ନିଷ୍ପତି କୁ କିଛି ଗ୍ରାମବାସୀ ବିରୋଧ କରିଥିଲେ । ଏନେଇ ଗତ ୧ ଓ ୨ ତାରିଖ ଦିନ ସ୍କୁଲ ପଡ଼ିଆ ପାଣି ଟାଙ୍କି ପାଖରେ ସ୍ଥାନୀୟ ସରପଂଚ ଦିପ୍ତିରାଣୀ ସିଂ, ବିଭାଗୀୟ ଯନ୍ତ୍ରୀ ମହେଶ୍ୱର ସିଂ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକ କରି ପାଣି ବାବଦକୁ ମାସିକ ୨୦ ଟଙ୍କା ଦେୟ ଦେବା ସହିତ ପମ୍ପ ଡ୍ରାଇଭର କରୁଣାକର ନାୟକଙ୍କ ବଦଳରେ ପୂର୍ବରୁ ଥିବା ସଦାନନ୍ଦ ସାହୁଙ୍କୁ ପମ୍ପ ଡ୍ରାଇଭର ଭାବେ ରଖିବାପାଇଁ ନିଷ୍ପତି ହୋଇଥିଲା । ତତସହିତ ପାଣି ଟିକସ ପାଇଁ ବିଡ଼ିଓ ନୋଟିସ ପାସ କରିବା ପର୍ଯ୍ୟନ୍ତ ଏଭଳି କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା । ଏଥିରେ କିଛି ବିଜେଡ଼ି ସମର୍ଥକ ପାଣି ଟିକସ ବାବଦକୁ ମାସିକ ୨୦ ଟଙ୍କା ଦେବାକୁ ମନା କରିଥିବା ବେଳେ ସରକାର ବହନ କରନ୍ତୁ ବୋଲି କହିଥିଲେ । ପାଣି ପାଇଁ ରାଜନୀତି କରୁଥିବା କିଛି ଗ୍ରାମବାସୀ ୩ ତାରିଖ ଦିବା ୧୦ ଘଟିକା ସମୟରେ ଗ୍ରାମକୁ ପାଣି ସପ୍ଲାଏ ସମ୍ପୂର୍ଣ୍ଣ ବନ୍ଦକରି ପ୍ରତିବାଦ ସ୍ୱରୂପ ଡାଳିମପାଳ ରାସ୍ତା ଉପରେ ଗରା ବାଲତି ବସାଇ ପ୍ରତିବାଦ କରିଥିଲେ । ଖବର ପାଇ ଘଟଣା ସ୍ଥଳରେ ବରହମପୁର ପୋଲିସ, ନୀଳଗିରି ଆର ଡବ୍ଲ୍ୟୁ ଏସଏସ ଜେଇ ମହେଶ୍ୱର ସିଂ, ସ୍ଥାନୀୟ ସରପଂଚ ଦିପ୍ତିରାଣୀ ସିଂ, ୫ ନମ୍ବର ୱାଡ଼ ଟୁକିପଦା ୱାଡ଼ ସଭ୍ୟା ରେଣୁକା ସିଂ, ଡାଳିମପାଳ ୪ନମ୍ବର ୱାଡ଼ ସଭ୍ୟା ମିଳିମଣି ପାତ୍ର, ୩ ନମ୍ବର ୱାଡ ସଭ୍ୟା ପଙ୍କଜିନୀ ମହାକୁଡ଼ ପହଂଚି ଉତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା ।

# ରାଂଚି ପ୍ରଭାତ ତାରା ମଇଦାନରେ ଯୋଗ ଦେଲେ ଓଡ଼ିଶା ଆଦିବାସୀ କୁଡୁମି ସମାଜ ନେତୃବୃନ୍ଦ




ଖୁଂଟା(ନିପ୍ର): ଝାରଖଣ୍ଡ ରାଜ୍ୟର ରାଂଚି ପ୍ରଭାତ ତାରା ମଇଦାନରେ ଅନୁଷ୍ଠିତ ହୋଇଥିବା କୁଡୁମି ଅଧିକାର ମହାରାଲି ରେ ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ଏବଂ ଛତିଶଗଡ଼ ରାଜ୍ୟର ଲକ୍ଷ ଲକ୍ଷ କୁଡୁମି ଜନ ଜାତି ସଂପ୍ରଦାୟର ଲୋକ ଯୋଗ ଦେଇ କେନ୍ଦ୍ର ସରକାର ବିରୁଦ୍ଧରେ ନିଜର ଆକ୍ରୋଶ ଜାହିର କରିଥିବା ଦେଖିବାକୁ ମିଳିଛି । ମହାରାଲିର ଆବାହକ କୁଡୁମି ନେତା ଶୀତଲ ଅହଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କୁଡୁମି ଆକ୍ରୋଶ ମହାରାଲିରେ ଆଦିବାସୀ କୁଡୁମି ସମାଜର ଓଡ଼ିଶା ରାଜ୍ୟ ସମ୍ପାଦକ ନିରଞ୍ଜନ ମହାନ୍ତ ଏବଂ ସୁନ୍ଦରଗଡ଼ ଜିଲ୍ଲାସଭାପତି ଧ୍ରୁବ ଚରଣ ମହାନ୍ତ ମଂଚାସିନ ହୋଇ ପ୍ରତିନିଧିତ୍ୱ କରିବା ସହ କର୍ମକର୍ତାଙ୍କ ଗହଣରେ ମହାରାଲି ରେ ଯୋଗ ଦେଇଥିଲେ । ସମଗ୍ର ରାଂଚି ସହର ହୋଇଉଠିଥିଲା ହଳଦିଆମୟ । ସହରର ଚତୁର୍ଦ୍ଦିଗରୁ ହଜାର ହଜାର ସଂଖ୍ୟାରେ କୁଡୁମି ସଂପ୍ରଦାୟର ମହିଳା ଓ ପୁରୁଷ, ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ, ହଳ ଲଙ୍ଗଳ, ଟାଙ୍ଗିଆ ଫର୍ଶା ଧନୁତୀର ଧରି ବାଦ୍ୟ ନୃତ୍ୟ ପରିବେଷଣ ବିରାଟ ସଭା ଯାତ୍ରାରେ ସଭାସ୍ଥଳକୁ ଆସୁଥିବା ଦେଖିବାକୁ ମିଳିଥିଲା । ଇଂରେଜ ସରକାରଙ୍କ ସମସ୍ତ ଜନ ଗଣନାରେ ୧୯୧୩ ମସିହା ୧୯୩୧ ମସିହା ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ଦସ୍ତାବିଜରେ କୁଡୁମିଜାତି ଆଦିବାସୀ ସୂଚୀରେ ତାଲିକାଭୁକ୍ତ କରାଯାଇଥିବା ବେଳେ, ଦେଶ ସ୍ୱାଧୀନତା ପରେ ହଠାତ୍ ଚଂଚକତା କରି ୧୯୫୦ ମସିହା ସେପ୍ଟେମ୍ବର ୦୬ ତାରିଖରେ ଏହି ବୃହତ କୁଡୁମି ସମୁଦାୟକୁ ଜନଜାତି ସୂଚୀରୁ ବାଦ କରା ଯାଇଛି । ଯାହା ଏହି ସମୁଦାୟର ମୌଳିକ ଅଧିକାର ଥିଲା । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୭୭ ବର୍ଷ ଧରି ଏହି ସଂପ୍ରଦାୟ ପକ୍ଷରୁ ନିଜର ହକ ଅଧିକାର ପାଇଁ, ସାମ୍ବିଧାନିକ ତରିକାରେ ସଭାସମିତି ଏବଂ ଆନ୍ଦୋଳନ ଜାରି ରଖିଛି । ସବୁ ସମୟରେ ସବୁ ସରକାର ତତଫରୁ ମିଳିଛି କେବଳ ପ୍ରତାରଣାର ପ୍ରତିଶ୍ରୁତି । ନିକଟରେ ହୋଇଥିବା ଆଦିବାସୀ କୁଡୁମି ସମାଜର ବରିଷ୍ଠ ନେତା ଅଜିତ ପ୍ରାସାଦ ମାହାତଙ୍କ ଡାକରାରେ ତିନି ରାଜ୍ୟରେ ଅନୁଷ୍ଠିତ ରେଳରୋକ ଆନ୍ଦୋଳନ ରେ ମଧ କେନ୍ଦ୍ରରୁ ଆସିଥିଲା ପ୍ରତିଶ୍ରୁତି । ତାର ପ୍ରତିବାଦ ସରୁପ ଏବଂ ବିରୋଧୀଙ୍କ ଜବାବରେ ଅନୁଷ୍ଠିତ ହୋଇଛି ଏହି ଆକ୍ରୋଶ ମହାରାଲି । କାହିଁକି କେଉଁ ପରିସ୍ଥିତିରେ ତତ୍କାଳୀନ ନେହୁରୁ ସରକାର ଏଭଳି ଏକ ନିନ୍ଦନୀୟ ଏବଙ୍ଗ କଳଙ୍କିତ ଅଧ୍ୟାୟ ସୃଷ୍ଟି କଲେ । ଏହାର କୌଣସି କାଗଜପତ୍ରରେ କିଛି ଉଲ୍ଲେଖ ନାହିଁ । ୨୦୦୫ ପରେ ସୂଚନା ଅଧିକାର ଆଇନ ବଳରେ ଏ ଘଟଣାର ସତ୍ୟତା ଧୀରେ ଧୀରେ ଲୋକଲୋଚନ କୁ ଆସିଲା । ଟାଟା କମ୍ପାନୀକୁ କୁଡୁମି ମାନଙ୍କ ଜମି ଅଧିଗ୍ରହଣ କରାଯିବାର ହୋଇଥିଲା ଷଡ଼ଯନ୍ତ୍ର । ସେତେବେଳେ CNT କାନୁନ୍ ବଳବତର ରହିଥିଲା କୁଡୁମିଙ୍କ କ୍ଷେତ୍ରରେ । ତେଣୁ ଚଂଚଳତା କରି ST ସୂଚୀରୁ ବାଦ କରା ଯାଇଛି । ବର୍ତମାନ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁଡୁମି ଦାବୀ ପ୍ରତି ଯଦି କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଖୁବ ଶୀଘ୍ର ତିନି ରାଜ୍ୟରେ ହେବ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ହେବ ଅର୍ଥନୈତିକ ନାକାବନ୍ଦୀ । ହେବ ଆର ପାର ଲଢେଇ , ବୋଲି ଉପସ୍ଥିତ ସମସ୍ତ କୁଡୁମି ନେତା ମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ମୌଳିକ ଅଧିକାରର ବ୍ୟାପାର । ତେଣୁ କେନ୍ଦ୍ର ସରକାର ତୁରନ୍ତ କୁଡୁମି ସମସ୍ୟା ଉପରେ ଗୁରୁତ୍ୱ ଦେଇ ଦାବୀ ପୂରଣ କରିବାକୁ ଦାବୀ ତୀବ୍ରତର ହୋଇଛି ।

# ମହିଳା ମାନଙ୍କ ସୁସ୍ଥତା ଓ ମାନସିକ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପଦକ୍ଷେପ

ପୁରୀ(ନିପ୍ର): ମହିଳା ଦିବସ ଉପଲକ୍ଷେ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ପୁରୀ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମହିଳା ବିଶେଷ କରି ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ରକ୍ଷା, ସୁରକ୍ଷା, ମାନସିକ ସ୍ଥିରତା, ନେତୃତ୍ୱ ନେବାର ଦକ୍ଷତା, ଆତ୍ମସୁରକ୍ଷା ଇତ୍ୟାଦି ସମ୍ପର୍କରେ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ସୂଚନା ଦେଇଛନ୍ତି । ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ପ୍ରାୟ ୩୫୦ ଛାତ୍ରୀ ମାନଙ୍କୁ ନେଇ ୬ ତାରିଖ ପୂର୍ବାହ୍ନ ୭ ଘଟିକାରେ ଯୋଗ ଶିବିର, ଫିଟନେସ କ୍ୟାମ୍ପ ଜୁମ୍ବା, ଏରୋବେଟିକ୍ସ, ପାରମ୍ପରିକ ନୃତ୍ୟ ମାଧମରେ ଫିଟନେସ ଓ ବିବିଧ କ୍ରୀଡା ଅନୁଷ୍ଠିତ ହେବ ।୭ ତାରିଖରେ ଆତ୍ମସୁରକ୍ଷା, ନେତୃତ୍ୱ ଓ କ୍ୟାରିଅର ଗଠନ ସଚେତନତା ଓ ସୁରକ୍ଷା, ଜୁଡୋ, ବକ୍ସିଂ, କରାଟେ ଇତ୍ୟାଦି ପ୍ରଶିକ୍ଷଣ ଦିଆଯିବ । ସେହିପରି ୮ ତାରିଖରେ ଏକ ମାରାଥନ ବା ଗଣଦୌଡ଼ ଅନୁଷ୍ଠିତ ହେବ ବୋଲି କ୍ରୀଡା ଅଧିକାରୀ ଚନ୍ଦନ ସାହୁ ଅବଗତ କରାଇଛନ୍ତି ।

# ରଙ୍ଗପତିରେ ଦୋଳ ମେଳଣ ଉତ୍ସବ

ସୋର(ନିପ୍ର): ସୋର ବ୍ଲକ ମାଣତ୍ରୀ ପଂଚାୟତ ରଙ୍ଗପତି ଗ୍ରାମର ରାଧାକୃଷ୍ଣ ଜୀଉଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ସୁସଜ୍ଜିତ ଦୋଳ ବିମାନଗୁଡ଼ିକ ଶୋଭାଯାତ୍ରାରେ ପହଞ୍ଚି ଗ୍ରାମ ପରିକ୍ରମା କରିବା ପରେ ସୁରେନ୍ଦ୍ର କୁମାର ଦାସଙ୍କ ମେଳଣ ପଠରେ ବିଜେ ହୋଇଥିଲେ । ଏହି ଶୋଭାଯାତ୍ରାରେ ବିଭିନ୍ନ ସଂକୀର୍ତନ ଦଳ ସହିତ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । କୁଳ ଠାକୁର ରାଧାକୃଷ୍ଣ ପୁରୋଧା ଭାବେ ଆବିର୍ଭାବ ହୋଇଥିବା ବେଳେ ନଦୀଗାଁ, ସରଶଂଖ, ଜଡ଼ିଦା, ୱାଦା, ତିଳଦା, ନୂଆପୁର ଆଦି ଗ୍ରାମରୁ ୪୩ଟି ବିମାନ ଏଥିରେ ଶୋଭାପାଇଥିଲା । ଅପରାହ୍ଣରେ ଭକ୍ତିର ସହିତ ଦୋଳ ବିମାନଗୁଡ଼ିକୁ ମହିଳାମାନଙ୍କ ଦ୍ୱାରା ଧୂପ ଦୀପ ନୈବେଦ୍ୟରେ ମେଲାଣି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ଶିକ୍ଷୀମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବାବାଜୀ ପଦ୍ମଲୋଚନ ଦାସଙ୍କ ପୁତ୍ର ରବୀନ୍ଦ୍ର କୁମାର ଦାସ, ଗଜେନ୍ଦ୍ର ପ୍ରସାଦ ଦାସ, ବୀରେନ୍ଦ୍ର ଦାସ ଓ ସୁରେନ୍ଦ୍ର ଦାସ ପରିଚାଳନା କରିଥିଲେ । ଏଥିରେ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

AFFIDAVIT

I, Miraj Das, S/o- Late Dhirendra Narayan Das, resident of Ferro chrome Project, Byasanagar, Post- Ferro chrome Project, Ps- Jajapur Road, Dist- Jajpur, Pin- 755020, Odisha declare by this Affidavit numer- 947, dated 02.03.2026 that now onwards I shall be known as Miraj Das for all future purpose.

ଦ.ପୂ. ରେଳପଥ ନିଲାମ

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଫୋରାର୍ଡ, ଡିଏମ୍, ନିର୍ବାଚିତ ଇଞ୍ଜିନିୟର (ଟିଆରଡି) ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର୭୨୧୩୦୧ ନିର୍ଦ୍ଦିଷ୍ଟ ସମୟରେ ଉଲ୍ଲେଖିତ ତାରିଖରେ ୧୫:୦୦ ଘଂଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏକ ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫:୩୦ ରେ ଖୋଲାଯିବ । ଟେଣ୍ଡର ନୋଟିସ ନମ୍ବର: ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୨୮ ଆରଟି ତାରିଖ: ୦୩.୦୩.୨୦୨୬; କାର୍ଯ୍ୟର ବର୍ଣ୍ଣନା: ବାଣପୁର ଏବଂ ଲଷ୍ମନାଥ ରୋଡ୍ ଷ୍ଟେସନର ପୁରୁଣା ଏଫ୍ଓବି ବଦଳାଇବା ଏବଂ କ୍ଷୟକ୍ଷତି ପାଇଁ ବର୍ତମାନ ୩.୦ ମିଟର ଚଉଡ଼ା ପିଓଏସ୍ ନିର୍ମାଣର ବୈଦ୍ୟୁତିକ/ଟିଆରଓ କାର୍ଯ୍ୟ: ୧୧,୭୫,୫୨୫.୪୭ ଇଏମ୍ଡି: ୨୩,୫୦୦.୦୦; ଟେଣ୍ଡର ଡକ୍ୟୁମେଂଟର ମୂଲ୍ୟ ଖୋଲିବାର ତାରିଖ ୩୧.୦୩.୨୦୨୦; ସମାପ୍ତି ପର୍ଯ୍ୟାୟ: ୧୨ (ଟେରେଲଭ) ମାସ: ଦାଖଲ ତାରିଖ ୩୧.୦୩.୨୦୨୬ ତାରିଖ ୧୫:୦୦ ଘଂଟା ପର୍ଯ୍ୟନ୍ତ; ଆଗ୍ରହୀ ଟେଣ୍ଡରମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟ କରଣ ପାଇଁ ୱେବଲେ www.treps.gov.in ପରିଦର୍ଶନ କରିପାରିବେ ଏବଂ ଏହି ୱାର୍ଟ ପାଇଁ କୌଣସି cavetictiv ର ଟେଣ୍ଡର ଗ୍ରହଣ କରାଯିବ ନାହିଁ ଏନ୍ଏଟିଇସି ସମ୍ଭାବ୍ୟ ଟେଣ୍ଡରମାନେ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ୱାଲ୍ www.treps.gov.in ରେ ନିୟନ୍ତ୍ରିତ କରିପାରିବେ । (PR-1266)

# ଧରଣୀ ସାର ସଂସ୍କାରକୁ ଜଗୁଥିଲେ କେବେବି ସେ ନୀତି ନିୟମରୁ ବାହାରକୁ ଯାଇ ନାହାଁନ୍ତି: ମନ୍ତ୍ରୀ



ଧାମନଗର(ନିପ୍ର): ଧାମନଗର ବ୍ଲକ ଦୋବଲ ପଂଚାୟତ ସୋଧ ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ତଥା ସରପଂଚ ଅଶୋକ କୁମାର ପଣ୍ଡାଙ୍କ ପିତା ଧରଣୀଧର ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ସ୍ମୃତି ଚାରଣ ସଭା ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଧରମ ପଡିଆ ରେ ଅନୁଷ୍ଠିତ ହୋଇଛି । ଶିକ୍ଷାବିତ ଭୋଳାନାଥ ସାହୁ ସଭାପତିତ୍ୱ କରିଥିବା ବେଳେ ଏ ବି ଇ ଓ । ହେମେନ୍ଦ୍ର ନାଥ ମହାନ୍ତି ସଭା ସଂଚାଳନ କରିଥିଲେ । ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଧରଣୀ ସାର ଜଣେ ଭଲ ଶିକ୍ଷକ ଥିଲେ, ସେ କେବେବି ନୀତି ନିୟମରୁ ବାହାରକୁ ଯାଇ ନାହାନ୍ତି, ସେ ସଂସ୍କାର କୁ ବି ଯଗୁଥିଲେ ବୋଲି ତାଙ୍କ ବକ୍ତବ୍ୟ ରେ କହିଥିଲେ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଜେପି ଜିଲା ସଭାପତି ଭଗବାନ ପଣ୍ଡା, ପୂର୍ବତନ ଅଧକ୍ଷ ଅଶୋକ ନାୟକ ଓ ବିନୋଦ ନାୟକ, ଅଧ୍ୟାପକ ବିଜୟ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ,ଓ ନଗର ପ୍ରତିନିଧି କୈଳାଶ ମହାପାତ୍ର, ପୂର୍ବତନ ସରପଂଚ ପ୍ରମୋଦ କୁମାର ସୁତାର, ଆଇନଜୀବୀ ଦେବାଶିଷ ସାମଲ, ରଣଜିତ ମହାନ୍ତି, କୃଷ୍ଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚତୁର୍ଭୁଜ ନାୟକ, ସୁଶାନ୍ତ କୁମାର ରାଉତ, କବି ରସାନନ୍ଦ ମହାପାତ୍ର, ସାମ୍ବାଦିକ ବାସୁଦେବ ତ୍ରିପାଠୀ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି । ଉମେଶ ମହାନ୍ତି, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ଦୀପ୍ତିରଞ୍ଜନ ଜେନା, ଅମରେନ୍ଦ୍ର ମହାନ୍ତି, ଅଶୋକ ଦାସ, ରାମଚନ୍ଦ୍ର ମିଶ୍ର, ପ୍ରମୋଦ ନାୟକ, ସୁରେନ୍ଦ୍ର ସେଠୀ, ମନୋଜ ସିଂ, ଯୁଧିଷ୍ଠିର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ତଥା ସରପଂଚ ଅଶୋକ କୁମାର ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ ।

## ଶୁଦ୍ଧିକ୍ରିୟା ପାଇଁ ସହଯୋଗର ହାତ ବଢାଇଲା ଆଂଚଳିକ ବ୍ରାହ୍ମଣ ସମିତି

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଣପାରିଆ ଗ୍ରାମର ସନାତନ ପଣ୍ଡା କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଆଖିବୁଜିବା ପରେ ପରିବାର ଶୁଦ୍ଧିକ୍ରିୟା ପାଇଁ ଚିନ୍ତାରେ ଥିଲେ । ଏହି ସମୟରେ ଖଇରା ଆଂଚଳିକ ବ୍ରାହ୍ମଣ ସମିତି ବିପଦର ବନ୍ଧୁ ସାଜି ମୃତ ସନାତନଙ୍କ ପତ୍ନୀ ଗୀତାଞ୍ଜଳୀଙ୍କୁ ୫ହଜାର ଟଙ୍କାର ଆର୍ଥୀକ ସହାୟତା ପ୍ରଦାନ କରିଥିଲେ । ବଟେଶ୍ୱର ଗ୍ରାମର ସ୍ୱର୍ଗତ ଚିନ୍ତାମଣି ଦାସଙ୍କ ପତ୍ନୀ ବିୟୋଗରେ ପରିବାର ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ସମିତିର ବରିଷ୍ଠ ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ, ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଖଇରା ପଂଚାୟତ ସମ୍ପାଦକ ପଦ୍ମନାଭ ପଣ୍ଡା, ସଙ୍ଗଠନ ସମ୍ପାଦକ ଦୀନବନ୍ଧୁ ଦାଶ, ଅଭିମନ୍ୟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଆନନ୍ଦମାର୍ଗ ବିଦ୍ୟାଳୟ ,କନ୍ଦଡା ,

ଅନ୍ତରା ,ବାଲେଶ୍ୱର
ପିନ - ୭୫୬୧୩୪

ଦୂରଭାଷ :- ୯୪୩୭୭୨୭୦୩୦ / ୯୦୯୦୮୭୩୯୨୦

ନୂତନ ଶିକ୍ଷାବର୍ଷ :- ୨୦୨୬-୨୭ ନିମନ୍ତେ Directorate of Elementary Education Odisha .

ସରକାର ନିର୍ଦ୍ଦେଶ ଅନୁଯାୟୀ ଶତକଡା ୨୫ ଭାଗ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ ପାଇଁ ପ୍ରଥମ ଶ୍ରେଣୀ ପିଲାମାନଙ୍କର ନାମ ଲେଖା ଚାଲୁଅଛି । ଏଥିରେ ଶତକଡା ୨୫ ଭାଗ ପିଲା ଆର୍ଥିକ ଅନଗ୍ରସର , ଦିବ୍ୟାଙ୍ଗ ,ଅନୁନ୍ନତ ଜାତି ଓ ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ,ଭିକ୍ଷମ ,ଏଚ. ଆଇ.ଭି ଅର୍ନ୍ତଭୁକ୍ତ ମାତପିତା ଶିଶୁ ,ଶିଶୁ ଶ୍ରମିକ ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକ ଙ୍କ ଶିଶୁ ମାନଙ୍କୁ ମାଗଣାରେ ଶିକ୍ଷାଦାନ ଦେବାକୁ R.T.E ପାରଦର୍ଶୀ ସାଇଟ ରେ ରେଜିଷ୍ଟ୍ରେସନ କରିପାରିବେ । ସମୟ ସୀମା ତା ୧୦.୦୨.୨୦୨୬ ରିଖ ଠାରୁ ତା ୧୦.୦୩.୨୦୨୬ ରିଖ ତା ୩୧.୦୩.୨୦୨୬ ରିଖ ରେ ଶେଷ କରିବାକୁ ସ୍ଥିର କରାଯାଇଛି । ନାମ ଲେଖା ପାଇଁ ଉପର ଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ ।

ପ୍ରଧାନ ଶିକ୍ଷକ
ଆନନ୍ଦମାର୍ଗ ବିଦ୍ୟାଳୟ ,କନ୍ଦଡା

34001/146/2526

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-[illegible]/2025-26

1. Number of works - Road & Electricals works
2. Approximate estimated cost: - 73.47 lakh to 3.71 lakh
3. Period of Completion :- 01 (One) & 02 (Two) Calendar Months
4. Date & Time of availability of bid documents in the portal:- Dt. 07.03.2026 to 17.03.2026
5. Last Date / Time of receipt of bid in the portal :- Dt. 17.03.2026 up to 5.00 PM
6. Date of Opening of bid:- Dt. 18.03.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR. 34001/34025/1/25-26/0004











ଜ୍ଞାନ ହେଉଛି ଦରିଦ୍ରର ସଂପଦ, ଧନୀର ସମ୍ମାନ, ଯୁବକର ଭରସା ଓ ବୃଦ୍ଧର ଶାନ୍ତି ତଥା ସୁଖ ।

# ଆଜିକାଲି



ଗୀତା ଜ୍ଞାନଂ ଶ୍ରୁତଂ ନୈବ, ସଦୈବାଭ୍ୟାସ ଯୋଗତଃ
ମୋକ୍ଷମିଚ୍ଛତି ମୁଢ଼ାତ୍ମା, ଯାତି ବାଳକହାସ୍ୟତାଂ
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ :ଯେଉଁ ମୂଢ଼ମନା ବ୍ୟକ୍ତି ସର୍ବଦା ଅଭ୍ୟାସ ରୂପକ ଯୋଗଦ୍ୱାରା ଗୀତା ଜ୍ଞାନର ଶ୍ରବଣ କରିନାହିଁ, କିନ୍ତୁ ଏଣେ ମୋକ୍ଷ ଲାଭର ଇଚ୍ଛା କରେ, ସେ ବ୍ୟକ୍ତି ଛୋଟ ପିଲାଙ୍କର ମଧ ଉପହାସ ପାତ୍ର ହୋଇଥାଏ ।

## ଛଅ ବର୍ଷ ମଧ୍ୟରେ ଓଡ଼ିଶା ମେଲେରିଆ ଓ ଫାଇଲେରିଆ ମୁକ୍ତ...

ଚଳିତବର୍ଷ ରାଜ୍ୟରେ ବିଭିନ୍ନ ସ୍ଥାନରେ ଡେଙ୍ଗୁ ରୋଗ ବଢ଼ିଥିଲା । ସବୁଠୁ ଭଲ ଖବର ହେଉଛି ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିଥିଲା । ଜଣେ ହେଲେ ଡେଙ୍ଗୁରୋଗୀ ମୃତ୍ୟୁ ବରଣ କରି ନାହାଁନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସ୍ପଷ୍ଟୀକରଣ କରିଛନ୍ତି । ସେହିଭଳି ସ୍ୱାଧୀନତା ପରେ ମଧ ରାଜ୍ୟର ବିଭିନ୍ନ ସ୍ଥାନରେ ମେଲେରିଆ ଓ ଫାଇଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି । ବିଶେଷ କରି ସରକାରଙ୍କ ବହୁ ପଦକ୍ଷେପ ସତ୍ୱେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ମେଲେରିଆ ରୋଗ ହୋଇଥାଏ । ଏହି ରୋଗ କେବଳ ମଶାଙ୍କ ଯୋଗୁଁ ବ୍ୟାପିଥାଏ ବୋଲି ପୂର୍ବରୁ ନଜୀର ରହିଛି । ଏହି ରୋଗ କେବଳ ଗ୍ରାମାଂଚଳରେ ନୁହେଁ ରାଜ୍ୟରେ ବହୁ ସହରାଂଚଳରେ ମଧ ଦେଖିବାକୁ ମିଳିଥାଏ । ଏହାର ମୁଖ୍ୟ କାରଣ ହେଉଛି ରାସ୍ତାଘାଟରେ ଆବର୍ଜନା ଜମିବା ଓ ପାଣି ଜମିଲେ ମଶାମାନେ ସେହିଠାରେ ଜନ୍ମିବା ସହ ରୋଗ ବ୍ୟାପିବାରେ ସହାୟକ ହୋଇଥାନ୍ତି । ଏହି ରୋଗରେ ବିଭିନ୍ନ ଡାକ୍ତରଖାନାରେ ବହୁ ରୋଗୀ ଆସିଥିଲେ ଏବଂ ଆସୁଛନ୍ତି ମଧ । ଅବଶ୍ୟ ଚିକିତ୍ସା ଯୋଗୁଁ ମୃତାହତ ସେଭଳି ନାହିଁ । ସେହିଭଳି ଫାଇଲେରିଆ ମଧ ମଶାକାମୁଡ଼ିବା ଯୋଗୁଁ ହୋଇଥାଏ । ରାଜ୍ୟର ବହୁ ସ୍ଥାନରେ ଏହି ରୋଗୀଙ୍କ ସଂଖ୍ୟା ଏକପ୍ରକାର କମିଯାଇଛି । ମେଲେରିଆ ଓ ଫାଇଲେରିଆ ମୁକ୍ତ ପାଇଁ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ସମସ୍ତ ଚିକିତ୍ସାଳୟରେ ବ୍ୟାପକ ଚିକିତ୍ସା ବ୍ୟବସ୍ଥା ସହ ଔଷଧ ମହଜୁଦ ରହିଛି । ଏହା ସତ୍ୱେ ଏହି ରୋଗୀଙ୍କ ସଂଖ୍ୟା ସମୟ ସମୟରେ ଦେଖିବାକୁ ମିଳୁଛି । ଏହି ରୋଗୀ ସଂପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଛି ଯେ ୨୦୩୦ ସୁଦ୍ଧା ରାଜ୍ୟରୁ ମେଲେରିଆ ଓ ୨୦୨୭ ସୁଦ୍ଧା ଓଡ଼ିଶା ରାଜ୍ୟ ସଂପୂର୍ଣ୍ଣ ଭାବେ ରୋଗମୁକ୍ତ ହେବ । ଏହଲା କେତେ ଦୂର ସମ୍ଭବ ଯଦିଓ ତାହା ସମୟ ହିଁ କହିବ କିନ୍ତୁ ସଂପୂର୍ଣ୍ଣ ରାଜ୍ୟ କିଭଳି ପ୍ରଦୁଷଣମୁକ୍ତ ହେବ ତାହା ହିଁ ଏକମାତ୍ର ଚିନ୍ତା । ଏ ସଂପର୍କରେ ରାଜ୍ୟର ସମସ୍ତ ପଂଚାୟତରୁ ବ୍ଲକ ଏବଂ ଜିଲ୍ଲା ଓ ରାଜ୍ୟରେ ଥିବା ସ୍ୱାସ୍ଥ୍ୟ ବିଭାଗ କଠୋର ପଦକ୍ଷେପ ନେବା ସହ ସାଧାରଣଙ୍କ ମଧ୍ୟରେ ଅଧିକ ସଚେତନତା ବଢ଼ିବା ଏକାନ୍ତ ଆବଶ୍ୟକ

## ସ୍ୱପ୍ନ



ରାତ୍ରିର ନିସ୍ତବ୍ଧ ଅନ୍ଧକାରରେ
ସୂରୁଜ ଶୋଇଥାଏ ଯେବେ
ମା' କୋଳରେ
ନିଶବ୍ଦରେ ଆସେ ନିଶବ୍ଦରେ ଯାଏ
ଅକୁହା କଥା କହିଯାଏ ହୃଦୟଭିତରେ ।।
ଦିନର ସକଳ ଯାତନା ପରେ
ଶେଯରେ ଟିକେ ଶାନ୍ତି ସାଉଁଟୁ ଥିବା ବେଳେ
ଧିରେଧିରେ ଆସେ ଧିରେଧିରେ ଯାଏ
ଅସମ୍ଭବକୁ ସମ୍ଭବ କରିଯାଏ
ହୃଦୟର ଅନ୍ତରାଳେ
ଦୁଇଟି ଅକ୍ଷରରେ ନାମଟି ତା'ର
ଶ୍ରମିକ ହେଉ କି ଶିଳ୍ପପତି
ସଭିଙ୍କ ସେ ଅତି ନିଜର ।।

◆ଆଶିଷ କୁମାର ସାମଲ

## ପିମ୍ପୁଡ଼ି ଠାରୁ ଶିକ୍ଷା

◆ ଜୟନ୍ତୀ ପଣ୍ଡା



ଦିନେ ପିମ୍ପୁଡ଼ିଟିଏ ଗୋଟିଏ ପତ୍ର ପାଇଲା । ପତ୍ର ତାର କେଉଁ କାମରେ ଲାଗିବ, ତାକୁ ଜଣା ନଥିଲା ବା ସେତକ ଜାଣିବା ପାଇଁ ତାଠାରେ ବୋଧଶକ୍ତିର ଅଭାବ ଥିଲା । ହେଲେ ସେ ପତ୍ରଟିକୁ ବୋହି ଘରମୁହାଁ ହେଲା । ପିମ୍ପୁଡି ତୁଳନାରେ ପତ୍ରଟି ଖୁବ୍ ବଡ଼ ଥିଲା । ପତ୍ରଟିକୁ ବୋହିବା ପାଇଁ ତାକୁ ଖୁବ୍ ପରିଶ୍ରମ କରିବାକୁ ପଡୁଥାଏ । ବାଟରେ ଆସିଲା ନାନା ପ୍ରତିବନ୍ଧ । ତେବେ ସେ ନିଜ ନିପୁଣତାର ପରିଚୟ ଦେଇ ସମସ୍ତ ପ୍ରତିବନ୍ଧ ପାର ହୋଇଗଲା । ଶେଷରେ ସେ ପହଂଚିଲା ନିଜର ଲକ୍ଷ୍ୟ ସ୍ଥଳୀ ଗାତ ମୁହଁରେ । ପତ୍ରଟିକୁ ଗାତ ଭିତରକୁ ନେବାକୁ ଚେଷ୍ଟା କରି ସେ ବିଫଳ ହେଲା । କୌଣସି ପ୍ରକାରେ ନିଜର ଉଦ୍ୟମରେ ସଫଳ ନ ହେବାରୁ ସେଇଟିକୁ ଗାତ ବାହାରେ ଛାଡ଼ି ସେ ଭିତରେ ପଶିଗଲା । ଅର୍ଥାତ୍ ସେ ଅଯଥା ଜିନିଷଟିଏ ବୋହିଚାଲିଥିଲା ଯାହାକୁ ଶେଷରେ ସେ ଛାଡ଼ିବାକୁ ବାଧ୍ୟ ହେଲା । ମଣିଷର ଜୀବନ ବି ବହୁ ମାତ୍ରାରେ ପିମ୍ପୁଡ଼ି ପରି ନୁହେଁ କି ? ଆମେ ପରିବାର ପାଇଁ ବ୍ୟସ୍ତ । ଅର୍ଥାଭାବ ଆମକୁ ବିବ୍ରତ କରେ । ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ଅର୍ଥ ସଂଚୟକୁ ଜୀବନର ଧର୍ମ ଭାବନ୍ତି । ଅସଫଳତା ଆମକୁ ଘାରେ । ସଫଳ ହେବା ପାଇଁ ଆମେ ନାନା ଅବୈଧ ପନ୍ଥାର ଆଶ୍ରୟ ନେଉ । ତେବେ ଶେଷରେ କ'ଣ ହୁଏ ? ବର୍ତ୍ତମାନର ସମୟରେ ଆମେ ଅନେକ ଧନ, ଯଶ ଓ ପ୍ରତିପତି ପ୍ରତିଷ୍ଠା ପାଇଁ ନିଜକୁ ବ୍ୟସ୍ତ ରଖୁଛେ ଏସବୁ ଭିତରେ ଏକ ଆଦର୍ଶ ଜୀବନ ଚିତ୍ର ତିଆରି କରି ଭଗବାନଙ୍କ ଶରଣାପନ୍ନ ହେବା ପାଇଁ ପ୍ରଚେଷ୍ଟିତ ହେଉନାହୁଁ । ଜୀବନରେ ଧନ ସମ୍ପତି କେବଳ ସବୁଠାରୁ ବଡ଼ ନୁହେଁ ସବୁଠାରୁ ବଡ଼ ହେଉଛି ନୈତିକ ଓ ମାନବୀୟ ମୂଲ୍ୟବୋଧ ଓ ଉଚ୍ଚ ଜୀବନାଦର୍ଶନର ଚିନ୍ତା । ଏହା ହିଁ ମଣିଷର ଶ୍ରେଷ୍ଠ ଆଦର୍ଶ ଓ ମାନବିକତା ହେବା ଜରୁରୀ । ଅନ୍ତିମ ସମୟରେ ଧନସଂପତି, ସଂପର୍କୀୟ କୌଣସି କାମରେ ଲାଗନ୍ତିନାହିଁ । ସବୁ ଛାଡ଼ି ଏକଲା ଯିବାକୁ ପଡ଼େ ।

*ଫରିଦାବାଦ, ହରିଆନା*

# ଛାତ୍ରୀ ନିବାସ ର ସ୍ୱପ୍ନ



◆ ଗଙ୍ଗାଧର ରାଉତ

ଆମ ରାଜ୍ୟ ଓଡ଼ିଶାର ବିକାଶ କ୍ଷେତ୍ରରେ ନିଜର ଅବଦାନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । କେନ୍ଦ୍ର ସରକାରରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଭାବରେ ନିଜର ଉତରଦାୟିତ୍ୱ ତୁଲାଇବାରେ ସେ ନିଜର କାର୍ଯ୍ୟଦକ୍ଷତା ଓ ପାରଦର୍ଶତା ପ୍ରତିପାଦନ କରୁଛନ୍ତି । ଯେତେବେଳେ ଯେଉଁ ବିଭାଗ ତାଙ୍କୁ ମିଳିଛି ସେତେବେଳେ ସେ ନିଜର ଦାୟିତ୍ୱ ସମ୍ପାଦନ କରି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହିତ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଛନ୍ତି । ଦେଶର ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ ଏବେ ସମଗ୍ର ଦେଶରେ ବାଳିକା ମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଗ୍ରହ ବୃଦ୍ଧି କରିବା ଓ ପ୍ରୋତ୍ସାହନ ଦେବା ପାଇଁ ଦେଶର ୭୦୦ ଟି ଜିଲ୍ଲାରେ ବାଳିକା ହଷ୍ଟେଲ ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାର ଙ୍କ ଶିକ୍ଷା ବିଭାଗ ନିଷ୍ପତି ନେଇଛନ୍ତି । ପ୍ରତି ଜିଲ୍ଲାରେ ଗୋଟିଏ ଅତ୍ୟାଧୁନିକ ଛାତ୍ରୀ ନିବାସ ନିର୍ମାଣ କରାଯିବ ।ଏହା ବାସ୍ତବିକ ସ୍ୱାଗତ ଯୋଗ୍ୟ ନିଷ୍ପତି । ଏହା ଦ୍ୱାରା ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଥିବା ବାଳିକା ମାନେ ହଷ୍ଟେଲ ରେ ରହି ପାଠ ପଢ଼ିବା ପାଇଁ ଅପୂର୍ବ ସୁବିଧା ସୁଯୋଗ ପାଇପାରିବେ । ବିଶେଷ କରି ପଛୁଆ ଅନଗ୍ରସର ଜିଲ୍ଲା ର ତଫସିଲ ଭୁକ୍ତ ଜାତି/ଉପ ଜାତି,, ଅର୍ଥନୈତିକ କ୍ଷେତ୍ର ରେ ପଛୁଆ ଘରର ଝିଅ ମାନେ ଉଚ୍ଚଶିକ୍ଷା ପାଇଁ ଏକ ସୁରକ୍ଷିତ ସ୍ଥାନରେ ରହିବାର ଆବଶ୍ୟକତା ରହିଛି । ଯେଉଁଠାରେ ବୈଷୟିକ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଅତ୍ୟାଧୁନିକ ଲାଇବ୍ରେରୀ, ଇଂଟରନେଟ ବ୍ୟବସ୍ଥା, ବିଶେଷ କରି ସିସିଟିଭି,ସହ ବ୍ୟକ୍ତିଗତ ସୁରକ୍ଷା ପାଇଁ ସିକ୍ୟୁରିଟ ଗାର୍ଡ,ଓ୍ୱାଡେନ, ବ୍ୟବସ୍ଥା ରହିବାର ଯୋଜନା ରହିଛି ।ଏକ ଉତମ, ସୁସ୍ଥ ଏବଂ ଶୈକ୍ଷିକ ପରିବେଶ ନିରାପତା ବ୍ୟବସ୍ଥା କୁ ସୁନିଶ୍ଚିତ କରୁଥିବା ଛାତ୍ରୀ ନିବାସ ହିଁ ଶିକ୍ଷା ପ୍ରତି ଛାତ୍ରୀଙ୍କ ଆଗ୍ରହ ବୃଦ୍ଧି କରିବାରେ ସହାୟକ ହୋଇପାରିବ ।ଏହି ବାଳିକା ଛାତ୍ରୀ ନିବାସ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା କରାଯିବା ସହ ପିପିପି ଢାଂଚାରେ ମଧ ନିର୍ମାଣ କରାଯାଇ ପାରିବ । ଏହି ଛାତ୍ରୀ ନିବାସ ହେଲେ ଉଚ୍ଚ ଓ ବୈଷୟିକ ଶିକ୍ଷା ପ୍ରତି ଆଗ୍ରହ ରଖୁଥିବା ନ ରଖୁଥିବା ଛାତ୍ରୀ ମାନଙ୍କ ମନରେ ଆଉ କୌଣସି ପ୍ରକାର ଭୟ ,ଆଶଙ୍କା ବା ଦ୍ୱନ୍ଦ ରହିବ ନାହିଁ ।ଗ୍ରାମାଂଚଳ ଅବା ଛୋଟ ଛୋଟ ସହରାଚଂଳ ରୁ ଆସୁଥିବା ବାଳିକା ମାନଙ୍କ ପାଇଁ ଏହା ମାର୍ଗ ଦର୍ଶକ ବା ପଥ ପ୍ରଦର୍ଶକ ହେବ । ବଣମଲ୍ଲୀ ବଣରେ ଝଡ଼ିବା ପୁର୍ବରୁ ତାର ବାସ୍ନା ଜଗତ ଆଗରେ ପ୍ରକାଶିତ କରିପାରିବ । ଗ୍ରାମାଂଚଳ ର ମେଧାବୀ ଛାତ୍ରୀ ମାନଙ୍କ ସ୍ୱପ୍ନ ପୂରଣ ପାଇଁ ବାଳିକା ଛାତ୍ରୀ ନିବାସ ବିଶେଷ ସହାୟକ ହୋଇପାରିବ । କେନ୍ଦ୍ରୀୟ ବଜେଟ ରେ ଏହି ବ୍ୟବସ୍ଥା କରାଯାଇ ଥିବାରୁ ଏହାର ତୁରନ୍ତ କାର୍ଯ୍ୟକାରିତା ହେବା ଏକାନ୍ତ ଆବଶ୍ୟକ । ନ ହେଲେ ଏହା ସରକାରଙ୍କ ନାଲିଫିତା ତଳେ ଚାପିହୋଇ ଅକାଳରେ ମୃତ୍ୟୁ ବରଣ କରିବା ସହିତ ଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ର ସୁନେଲି ସ୍ୱପ୍ନ ଦିବା ସ୍ୱପ୍ନରେ ପରିଣତ ହେବ ଏହା ନିଶ୍ଚିତ ।

*ସାମ୍ବାଦିକ, ବାଲେଶ୍ୱର*

# ନୀତିବାଣୀ

⏮ ଆପଣ ସହି ଯାଆନ୍ତୁ- ଆପେ ଆପେ ନମ୍ରତା ଓ ପବିତ୍ରତା ଆସିଯିବ, କାରଣ ଏହା ସଫଳତାର ପ୍ରଥମ ସୋପାନ ।

⏮ ଏପରିକି ବାହୁ ବଳରେ, ସଂଖ୍ୟାରେ, ହାତ ହତିଆରରେ ଯିଏ ଅପେକ୍ଷାକୃତ, ସେ ମଧ ନୈତିକ, ମାନସିକ ବଳରେ ଉତ୍କର୍ଷ ଦ୍ୱାରା ପ୍ରବଳ ପ୍ରତିଦ୍ୱନ୍ଦିକୁ ହଟାଇ ଦେଇପାରେ ।

⏮ ଜଣେ ବ୍ୟକ୍ତିର ସୌହାର୍ଦ୍ଦ୍ୟପପୂର୍ଣ୍ଣ, ଭାବଯୁକ୍ତ,ପ୍ରଶଂସାପତ୍ର ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ ।

⏮ ଜଣେ ପାଠକ ଯେତେ ବେଶି ସ୍ଥିର ଅଭ୍ୟାସ ରଖିବ, ତା'ର ପଢ଼ିବା ପାଇଁ ସେତିକି ଆଗ୍ରହ ବଢୁଥିବ ।

⏮ ଦାୟିତ୍ୱ ସଂପାଦନ କଲେ ଶାନ୍ତି ଓ ଅନ୍ୟର ସେବା କଲେ ସୁଖ ଆପେ ଆପେ ମିଳିଥାଏ ।

⏮ ଶାନ୍ତିରେ ରହିବାକୁ ହେଲେ ଜନମତକୁ ଆଦୌ ଗୁରୁତ୍ୱ ଦେବା କଥା ନୁହେଁ ।

⏮ ଶିକ୍ଷାଲାଭ କରୁଥିବା ବିଷୟକୁ ଦୈନନ୍ଦିନ ଜୀବନ ଧାରାରେ ସାମିଲ କଲେ ତାହା ଜୀବନ ସାରା ମନେ ରହିଯାଏ ।

⏮ ଥରେ ଦାୟିତ୍ୱ ଏଡ଼ାଇ ଦେଲେ, ପୁଣି କେବେ ନା କେବେ ସେହି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ, ତେଣୁ ପ୍ରଥମରୁ ହିଁ ଦାୟିତ୍ୱଟିକୁ ସଂପନ୍ନ କରିବାକୁ ଚେଷ୍ଟା କରନ୍ତୁ ।

⏮ ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ, ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ ।

⏮ ବିଗତ ଜୀବନର ଅନୁଭୂତି ଏକ ଶିକ୍ଷା ହେଉ ସିନା ସେଥିପାଇଁ ଶୋଚନା କରନ୍ତୁ ନାହିଁ, ବରଂ ସେହି ଶିକ୍ଷାରୁ କିଛି ଶିଖ, ବର୍ତ୍ତମାନ କାର୍ଯ୍ୟରେ ବ୍ୟବହାର କରନ୍ତୁ, ଦେଖିବେ କେତେ ଶାନ୍ତି ମିଳୁଛି ।

# ରାଜକାରୀ ଶକ୍ତିଙ୍କ ନିମନ୍ତେ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅଙ୍ଗ-୭ : ସ୍ୱାମୀ, ଅମାତ୍ୟ, ସୁହୃଦ, କୌଷ, ରାଷ୍ଟ୍ର, ଦୁର୍ଗ, ବଳ । ଶକ୍ତି - ୩ : ପ୍ରଭାବଜ, ଉତ୍ସାହଜ, ମନ୍ତ୍ରଜ । ଉପାୟନୀତି - ୪ : ଭେଦ, ଦଣ୍ଡ, ସାମ, ଦାନ । ଗୁଣ - ୬ : ସନ୍ଧି, ବିଗ୍ରହ, ଯାନ, ଆସନ, ବୈଧ, ଆଶ୍ରୟ । ଭୟ - ୩ : ଅଦୃଷ୍ଟ ଭୟ (ଅଗ୍ନୀ, ଜଳ), ଦୃଷ୍ଟ ଭୟ (ନିଜ ରାଜ୍ୟ ଓ ପରରାଜ୍ୟ), ଅହିଭୟ (ନିଜ ପକ୍ଷରୁ ଭୟ) । ବିପତି - ୬ : ଅତିବୃଷ୍ଟି, ଅନାବୃଷ୍ଟି, ମୂଷକ, ଶଲଭ, ଖଗ, ନିକଟବର୍ତ୍ତୀ ରାଜ ।




ମୁଖ୍ୟକ୍ରମ ଗୁଡ଼ିକର ପୁଣି ବହୁ ଶାଖାକ୍ରମ ରହିଛି । ଯେ କେହି ରାଜ କରନ୍ତୁ ନା କାହିଁକି ଏହାରି ମଧ୍ୟରେ ତାଙ୍କର ପରିବେଶ ବନ୍ଧ । କୌଣସି ରାଜକାରୀ ବ୍ୟକ୍ତିଙ୍କର ପ୍ରବଳ ସ୍ୱାମୀତ୍ୱ ନଥିଲେ ଶରୀର ମୁଖ୍ୟ ଅଙ୍ଗ ଦୁର୍ବଳରେ ଯେମିତି ଶରୀର ଥାଇ ଅକାମୀ ହୋଇଥାଏ ସେହିପରି ସ୍ଥିତି ଉପୁଜେ । ନିଜର ବ୍ୟକ୍ତିତ୍ୱ, ବୋଧଶକ୍ତି, ମାନବିକତା, ବହୁ ଅଧ୍ୟୟନ କ୍ଷମତା, ଧୈର୍ଯ୍ୟ, ମୂଲ୍ୟାୟନ ଚିନ୍ତା, ନିହାତି ରହିବା ଦରକାର । ଇନ୍ଦ୍ରିୟମାନେ ସବଳ ଥିବା ଦରକାର । ଅବୟବମାନେ ନିଷ୍ଟେ କାମ କରୁଥିବା ଦରକାର । ଏପରି ହେଲେ ସ୍ୱାମୀ ଅଧିକାର ନିଷ୍କଂଟକ ହୋଇପାରେ । ଏକ ଇନ୍ଦ୍ରିୟର ସୁଖ ଭୋଗ ପାଇଁ ଅନ୍ୟ ଇନ୍ଦ୍ରିୟ ମାନଙ୍କୁ ଅଧିକ ଖଟାଇ ଶେଷରେ ହାଲିଆ ହେବାକୁ ପଡ଼େ । ଏପରି ଉତେଜ୍ଜିତ ବାରମ୍ବାର ହେଲେ ପରେ ନିସ୍ତେଜ ହେବାକୁ ହୁଏ । ଯେ କେହି ରାଜ କରନ୍ତୁ ସେ ଏସବୁକୁ ଧ୍ୟାନରେ ରଖିବା ଦରକାର । ଧୃତରାଷ୍ଟ୍ର ଅନ୍ଧ ଥିଲେ, ତାଙ୍କ ରାଜସଭାରେ ଏକ କୁଳବଧୂକୁ ବିବସ୍ତ୍ର କରାଯାଉଛି ଏଥିରେ ତାଙ୍କୁ ରୋଦନ ଅନୁନୟ ବିନୟ କାକୁତି ମିନତି ଶୁଣାଗଲେବି ତାଙ୍କ ଅମାତ୍ୟମାନେ ସୁହୃଦମାନେ ଘଟଣାଟି ଏକ ରାଜକାର୍ଯ୍ୟରେ ଦଣ୍ଡଭୋକ୍ତାକୁ ଦଣ୍ଡ ବେଳର ମାମୁଲି ଘଟଣା କୁହାଯାଉଥିଲା । ଚକ୍ଷୁ ନଥିଲେ କାହାକୁ ଲଜ୍ୟା ମିଳିବ ? ରାଜମାନେ ସ୍ୱଚକ୍ଷୁରେ ଦେଖିବା ସବୁ ପର୍ଯ୍ୟାୟରେ ସମ୍ଭବ ନୁହଁ ଚର ଚକ୍ଷୁରେ ଦେଖି ସ୍ଥିର କରି କାର୍ଯ୍ୟର ରୂପରେଖ ନିର୍ଦ୍ଧାରଣ କରନ୍ତି । ବହୁ ଦୂରାନ୍ତ ଅଂଚଳ ଖବର ଶୁଣି ବିଶ୍ୱାସ କରିବାକୁ ବାଧ୍ୟ ହୁଅନ୍ତି ହେଲେ ଯାହାଠାରୁ ଖବର ସଂଗ୍ରହ କରାଯାଏ, ସେ ବିଶ୍ୱାସ ଯୋଗ୍ୟ ହେବା ଦରକାର । ଦୂରଦେଶ ପରିବ୍ରାଜକ ମାନଙ୍କ ଠାରୁ ତାଙ୍କ ଦେଶ ଓ ସେ ଦେଶରୁ ଭିନ୍ନ ଭିନ୍ନ ଦେଶ ହୋଇ ଆସିଥିବା ସ୍ଥାନଗୁଡ଼ିକର ଲୋକଙ୍କ ଚାଲିଚଳନ ଆହାର ବିହାର ବୃତିଧନ୍ଦା ପ୍ରାକୃତିକ ପରିବେଶର ବର୍ଣ୍ଣନାରୁ ରାଜ ଅଭିଜ୍ଞତା ଅନେକ ମିଳିଥାଏ । ଆମ ଦେଶର ପୁରାଣରେ ନାରଦଙ୍କୁ ଦେବର୍ଷି କୁହାଯାଏ । ଋଷି ସହିତ ଦେବ ତା ସମ୍ବନ୍ଧ ନାରଦଙ୍କ ସହିତ ଅଛି । ଦେବତା ମନରେ ଶାନ୍ତିରକ୍ଷା ସର୍ବଦା ଜାଗ୍ରତ ହେଲେ କେଉଁଠି ଶାନ୍ତି ଭଙ୍ଗ ହୋଇଛି ବା ହେବାକୁ ଯାଉଛି ଏଇକଥା ସେ ରାଜା ପ୍ରଜାରେ ଭିନ୍ନ ଭିନ୍ନ ସ୍ଥାନ ଖବର ଭିନ୍ନ ଭିନ୍ନ ସ୍ଥାନରେ ଦର୍ଶାଇ ଘଟଣାର ସଂସ୍କାର କରାଇବା ଚେଷ୍ଟା କରୁଥିଲେ । ତାଙ୍କର ବାହାନ ଢ଼େଙ୍କି ଥିଲା । ଢ଼େଙ୍କି ଏକ କାଠ ଯନ୍ତ୍ର ଏହା ମନକୁ କାର୍ଯ୍ୟକ୍ଷମ ହୁଏନାହିଁ । ଏ ପାଇଁ ଦ୍ୱିଧାରାର ଲୋକ ପ୍ରୟୋଜନ । ଲାଞ୍ଜିପଟରେ ଲୋକ ତଳକୁ ଚାପ ଦେଇ ପ୍ରହାର ପଟକୁ ଟେକି ପୁଣି ଛାଡ଼ି ଦିଅନ୍ତି । ପ୍ରହାରଟି ଭରାଣ୍ଡିରେ ଠିକ ଭାବରେ ଭରଣା ଧାନ୍ୟ ଆଦି ଉପରେ ପଡ଼ି ନିଷ୍ପେସିତ ହୋଇ ଚାଉଳ ହୋଇଯାଏ ବା ଗୋଟା ଚାଉଳ ଚୁନା ହୁଏ । ଏ କାମ ଚାଲିଲା ବେଳେ ଢ଼େଙ୍କି ଶାଳ ଏକ ଗ୍ରାମ୍ୟ କଥା ସାହି ପଡ଼ିଶା କଥାର କିଛି କଥା ଉପସ୍ଥିତ ଦୁଇ ତିନିଜଣଙ୍କ ମଧ୍ୟରେ ହୋଇଥାଏ । ଏ ମଧ୍ୟରୁ କିଛି କଥା ନାରଦଙ୍କୁ ବିଶେଷ ଖୋରାକ ଯୋଗାଏ । ଏବେ ଢ଼ିଙ୍କି ନାହିଁ ହେଲେ ଢ଼େଙ୍କି ପରି ପଡ଼ି ରହିଛି କାଠ ବେଂଚ । ତା ଦୋକାନରେ ଲୋକେ ବସି ଦିଲ୍ଲୀ ରାଜଧାନୀରୁ ରାଜ୍ୟ ରାଜଧାନୀ ବିଦେଶୀ ଦେଶୀ ଗ୍ରାମ୍ୟ ସାହି, ରାଜନୀତି କଟା କଥା ହେଉଛନ୍ତି । ଭୋଟ ବେଳେ କାହାକୁ ଭୋଟ ଦେଲେ କଣ ଭଲ କଣ ମନ୍ଦ କିଏ ପାଇବା ଉଚିତ ଅନୁଚିତ କାହା ସପକ୍ଷ ବିପକ୍ଷ ଭୋଟ ଏହା ବି କଥା ହୋଇଚାଲୁଛି । ଢ଼େଙ୍କି ପରି ରେଲଗାଡ଼ିର ସିଟ ପଟା ପଡ଼ିଛି । ଏଥିରେ ବି ଏଇ କଥା, ଅତଏବ ଏଇ ନାରଦ ଗୋତ୍ରୀୟ ଅନେକ ଚରିତ୍ର ଢ଼େଙ୍କି ଗୋତ୍ରୀୟ ଏପରି ଚରିତ୍ର ସ୍ଥଳରୁ ଖବର ସଂଗ୍ରହ ଏବେ ରାଜା ପ୍ରଜାଙ୍କ ପାଖରେ ପହଂଚୁଛି । ପରିବ୍ରାଜକମାନେ ରାଜଦୂତ ହୋଇଥିଲେ ସେ କେବଳ ରାଜାଙ୍କର ଆଭିମୁଖ୍ୟ କହିଥାନ୍ତି । ଯଦି କୌଣସି ଦେବସ୍ଥାନରୁ ଆସିଥାନ୍ତି ଦେବ ମହିମା କହି ମନ୍ଦିର ଧର୍ମପଠକୁ ଆହ୍ୱାନ କରନ୍ତି । ଯଦି କେହି ଜ୍ଞାନୀ ଜ୍ଞାନ ପିପାସୁ ହୋଇଥାନ୍ତି ତେବେ ସେ ଜ୍ଞାନ ଖୋଜରେ ଆସି ଜ୍ଞାନ ସଂଗ୍ରହ କରିବା ସହିତ କୂପମଣ୍ଡୁକ ଭଳି ଥିବା ଜ୍ଞାନୀଙ୍କର ଜ୍ଞାନ ସଂସ୍କାର କରନ୍ତି । ସର୍ବତ୍ର ଦ୍ରବ୍ୟ ଅଭାବ ଏବେ ଅନୁଭୂତ ବର୍ଦ୍ଧିତଜନ ସମାଜକୁ ଆବଶ୍ୟକ ଦ୍ରବ୍ୟମାନ ଯୋଗାଇବା ବଡ଼ ଜଟିଳ । ନେଣ ଦେଣ ଧନ୍ଦାରେ ରକ୍ତପାତ କେଉଁଠି କେତେବେଳେ ହୋଇଯିବ କହି ହେଉନାହିଁ । ଧର୍ମ ଧର୍ମ ବୋଲି ଧର୍ମଧ୍ୱଜୀମାନେ ବୃଥା ମତାଇ ଭୟଙ୍କର ପରିସ୍ଥିତି କରିଦେବା ଦେଖାଯାଉଛି । ଆଧୁନିକ ଚିକିତ୍ସା ବିଜ୍ଞାନ ଲୋକଙ୍କୁ ଦୀର୍ଘାୟୁ କରିବାକୁ ଚେଷ୍ଟା କରି ଚାଲିଲା ବେଳେ ପ୍ରତିସ୍ଥାନରେ ଏବେ ଚାରି ପିଢ଼ି ଧରି ଲୋକ ରହିବା ଦେଖାଗଲାଣି । ଲୋକ ଅଣନାତି ଅଣନାତୁଣୀ ଦେଖିବା ଯାଏ ବଂଚିରହିବା ଦେଖାଯାଉଛନ୍ତି । ଏଥିପାଇଁ ଅର୍ଥନୀତିରେ ଚାପ ପଡୁଛି । ସରକାରୀ ପେନସନ ଦେୟ ବର୍ଷ ବର୍ଷ ବଢ଼ିବା ଯୋଗୁଁ ଲୋକଙ୍କର କର ଦେୟବି ବଢୁଛି । ଏହି ସବୁ ସମସ୍ୟା ମଧ୍ୟରେ ଏକ ରାଜ୍ୟ ଏକ ଦେଶ ତାଙ୍କର ସୀମା ବଢ଼ାଇବା ଚିନ୍ତାମୁକ୍ତ ନୁହଁନ୍ତି । ପୂର୍ବେ ବିସ୍ତାରବାଦ ଥିଲା ଏବେ ଯେ ଏହା ବିଲୁପ୍ତ ନୁହେଁ ଏହା ଜାଣୁପଡୁଛି । ଦେବତା ଅଗ୍ରହାରୀ, ଫସଲ ଫଳାନ୍ତୁ, ଦେବତା ଉଦ୍ଦେଶ୍ୟରେ ଅର୍ପଣ କରନ୍ତୁ, ଦେବତା ଯଦି ଶ୍ରମର ଫଳକୁ ଆଗ୍ରହୀ ଠିକ ତାପର ସରକାର ଯେ ଆହାରୀ, ସେ କାହିଁକି ଶ୍ରମଦାନକାରୀଙ୍କର ପ୍ରିୟ ନ ହେବେ ? ତେବେ ଶ୍ରମର ଚେଷ୍ଟା ଶିକ୍ଷା ନିହାତି ଆବଶ୍ୟକ ଅଛି । ଏହା ରାଜ ଉତ୍ସାହରେ ହେବା ଦରକାର ।

*ଅରୁଣୋଦୟ ନଗର, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

## ସ୍ୱାସ୍ଥ୍ୟ

# ଅଧରାତିରେ ଖାଇବାର ନାନା ସମସ୍ୟା

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଅନେକ ଲୋକ ଜାଣିପାରନ୍ତି ନାହଁ ଯେ, ଖାଇବା ଯେତେ କମ୍ କଲେ ବି ଓଜନ କାହିଁକି ବଢୁଛି । ଓଜନ ବଢ଼ିବାର ଆଉ ଏକ କାରଣ ବିଳମ୍ବିତ ରାତିରେ ଖାଇବା । ଅନେକେ ରାତିରେ ଡେରି ରାତି ପର୍ଯ୍ୟନ୍ତ ଟିଭି ଦେଖିବା ବେଳେ କିଛି ନା କିଛି ପାଟିରେ ପକାନ୍ତି କିମ୍ବା ଡେରି ରାତି ପର୍ଯ୍ୟନ୍ତ ପାଠ ପଢ଼ିଲେ ନିଦ ନଲାଗିବା ପାଇଁ କିଛି ଖାଆନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ ବିଳମ୍ବିତ ରାତିରେ ସ୍ନାକ୍ସ ଖାଇବା ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅନୁକୂଳ ନୁହେଁ । ଆପଣ ବେଡ଼ାଇମ୍‌ରେ ଯାହା ଖାଇବା ତାହା ସିଧାସଳଖ କ୍ୟାଲୋରିରେ ପରିଣତ ହୋଇଯିବ । କାରଣ ରାତିରେ ଖାଇବା ପରେ କୌଣସି ଶାରୀରିକ ସକ୍ରିୟତା ନଥାଏ । ଆପଣ ସିଧାସଳଖ ବିଛଣାକୁ ଚାଲିଯାଆନ୍ତି । ଏହା ନାନା ପ୍ରକାର ଶାରୀରିକ ସମସ୍ୟା ସୃଷ୍ଟି କରେ । ସବୁଠାରୁ ବଡ଼ ସମସ୍ୟା ହେଉଛି ଖାଦ୍ୟ ହଜମ ନ ହେବା । ଏହାପରେ ଦାନ୍ତ ଖରାପ ହୁଏ ଏବଂ ଫ୍ୟାଟ ବି ବଢ଼େ । ଦାନ୍ତ ଖରାପ ହେବା : ଅଧିକାଂଶ ଲୋକ ବିଳମ୍ବିତ ରାତିରେ କିଛି ଖାଇବା ପରେ ଦାନ୍ତ ସଫା କରନ୍ତି



ନାହିଁ ଏବଂ ସିଧାସଳଖ ଶୋଇ ଯାଆନ୍ତି । ଫଳରେ ଖାଦ୍ୟର କିଛି ଅଂଶ ଦାନ୍ତରେ ରହିଯାଏ ଏବଂ ସେଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୁଏ । ହଜମ ସମସ୍ୟା : ବିଳମ୍ବରେ ଖାଦ୍ୟ ଗ୍ରହଣ ଆପଣଙ୍କ ପାଚନ ପ୍ରଣାଳୀକୁ ବିଗାଡ଼ି ଦିଏ । ଆପଣ ଜାଣନ୍ତି କି ଚକୋଲେଟ କିମ୍ବ ଚିପ୍ସ ପରି ଜଙ୍କଫୁଡ ହଜମ କରିବା ପାଇଁ ଶରୀରକୁ ଦୁଇ ତିନିଘଂଟା ସମୟ ଲାଗିଯାଏ, ତାହା ପୁଣି ଦିନରେ । ଖାଦ୍ୟ ବଦଳିଯିବ ଫ୍ୟାଟରେ : ସ୍ନାକ୍ସ ଆପଣ ଦିନରେ ଖାଆନ୍ତୁ ବା ରାତିରେ ଏହା ନିଶ୍ଚୟ ଫ୍ୟାଟ ସୃଷ୍ଟି କରିବ । କାରଣ ଏହା ଚଟ୍‌ପଟା, ତେଲିଆ ହୋଇଥାଏ । ଯେଉଁମାନଙ୍କର ଶାରୀରିକ ପରିଶ୍ରମ ଅଧିକ ଥାଏ ସେମାନେ କିଛି ପରିମାଣରେ ଏସବୁ ଖାଦ୍ୟ ଖାଇପାରିବେ । ତା'ହେଲେ କ'ଣ ଖାଇବେ : ପପ୍‌କର୍ଣ୍ଣ ଖାଆନ୍ତୁ କିନ୍ତୁ ଘରେ ତିଆରି କରି । ପପ୍‌କର୍ଣ୍ଣ ୯୮ ପ୍ରତିଶତ ଫ୍ୟାଟ ଫ୍ରି । ଖିରରେ ଯେକୌଣସି ଫଳ ଗ୍ରାଇଣ୍ଡ କରି ଚିନି ବଦଳରେ ସାମାନ୍ୟ ମହୁ ମିଶାଇ ଖାଆନ୍ତୁ । ଏଥିରେ ଫ୍ୟାଟ ବଢ଼ିବନି କିନ୍ତୁ ଏନର୍ଜୀ ମିଳିବ । ଅଧିକ ଏନର୍ଜୀ ପାଇଁ କମଳା ଖାଆନ୍ତୁ, ଏଥିରୁ ଭିଟାମିନ ସି ମିଳିବ । ଘର ତିଆରି ଆଇସକ୍ରିମ ଖାଇପାରିବେ । ଡାଏଟିଂ ପରେ ବି ଓଜନ ବଢୁଛି ? : ମାସେ ହେବ ଆପଣ ଡାଏଟିଂ କରୁଛନ୍ତି କିନ୍ତୁ ଓଜନ ଯାହାକୁ ସେଇୟା । ତାର ଅର୍ଥ କିଛି ନା କିଛି ସମସ୍ୟା କେଉଁଠି ରହିଯାଇଛି । ଆପଣ ଯେଉଁ ଉପାୟରେ ଡାଏଟିଂ କରୁଛନ୍ତି ସେଥିରେ ସମସ୍ୟା ନାହିଁ ତ ? ଅଧିକ ଅଲିଭ ଅଏଲ : ଅଧିକାଂଶ ଲୋକ ଭାବନ୍ତି ଅଲିଭ ଅଏଲରେ ଅନେକ ସ୍ୱାସ୍ଥ୍ୟ ଉପଯୋଗୀ ତତ୍ୱ ଅଛି । ତେଣୁ ଏହାକୁ ଯେତେ ଖାଇଲେ ବି କ୍ଷତି ନାହିଁ । କିନ୍ତୁ ଏକଥା ଭୁଲ । ଗୋଟିଏ ବଡ଼ ଚାମଚ ଅଲିଭ ଅଏଲରୁ ୧୨୦ କ୍ୟାଲୋରି ଏବଂ ୧୪ ଗ୍ରାମ ଫ୍ୟାଟ ମିଳେ । ତେଣୁ ଅଲିଭ ଅଏଲ ବ୍ୟବହାର କରିବା ବେଳେ ବି ଏହାର ପରିମାଣ ଦେଖିବାକୁ ହେବ । ଫଳରେ ଶର୍କରା : ଅନେକେ ଭାବନ୍ତି ଫଳରେ ଶର୍କରା ପରିମାଣ ଅଧିକ ଥିବାରୁ ମୋଟା ହେବାର ସମ୍ଭାବନା ଅଧିକ । କିନ୍ତୁ ପ୍ରକୃତରେ ଏହା ନୁହେଁ । କାରଣ ଫଳରେ ଥିବା ଶର୍କରା ପ୍ରାକୃତିକ । ଏଥିରେ ଭିଟାମିନ, ଫାଇବର ଏବଂ ମିନେରାଲ ବି ପ୍ରଚୁର ପରିମାଣରେ ମିଳେ । ଫଳ ପାଇଁ ସବୁଠାରୁ ଭଲ ପସନ୍ଦ ହେଉଛି ସେଓ, ଅଙ୍ଗୁର ଏବଂ ତରଭୁଜ ଇତ୍ୟାଦି । ଋତୁ ଅନୁଯାୟୀ ଫଳ ସବୁଠାରୁ ଭଲ । କାରଣ ଏହା ସତେଜ ଥାଏ । କମ୍ ଖାଦ୍ୟ ଏବଂ ଅଧିକ ବ୍ୟାୟାମ : କିଛି ଲୋକ ଭାବନ୍ତି ଶୀଘ୍ର ଓଜନ କମାଇବା ପାଇଁ ସବୁଠାରୁ ଭଲ ଉପାୟ ହେଉଛି କମ୍ ଖାଇବା ଏବଂ ଅଧିକ ବ୍ୟାୟାମ କରିବା କିନ୍ତୁ ବିଶେଷଜ୍ଞମାନଙ୍କ ମତ ଖାଇବା କମ୍ କରିଦେବା ପରେ ଶରୀରର ପାଚନ ପ୍ରକ୍ରିୟା ଧୀମା ହୋଇଯାଏ । ଫଳରେ ଓଜନ କମ୍ କରିବା କଷ୍ଟ ହୋଇଯାଏ । ଖାଇବା କମ କରି ଓଜନ କମାଇଲେ ଯେତେବେଳେ ଆପଣ କିଛି ବି ଅଧିକ ଖାଇବେ ତାହେଲେ ଓଜନ ପୁଣି ବଢ଼ିବ । ଆପଣଙ୍କ ଶରୀରର ଆକାର ଏବଂ ଓଜନ ଅନୁଯାୟୀ ଦେଖନ୍ତୁ ପ୍ରତିଦିନ କେତେ କ୍ୟାଲୋରୀ ଦରକାର । ଶରୀର ତୁଳନା ବ୍ୟାୟାମ ଅଧିକ ହୋଇଗଲେ ଏହା କ୍ଷତିକାରକ ହୋଇପାରେ ।

*ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯*

## ଜ୍ଞାନବାଣୀ



✡ ନତ୍ୟଂ ସନ୍ତଃ କୁଳେ ଦାତା, ପାବକୋପମତେଜସଃ ।
କ୍ଷମାବନ୍ତୋ ।
ନିରାକାରାଃ, କାଷ୍ଠେଽଗ୍ନିରିବ ଶେରତେ ॥



ଅର୍ଥ : ଯେଉଁଭଳି କାଷରେ ଅଗ୍ନି ବିଦ୍ୟମାନ ହୋଇଥାଏ। କିନ୍ତୁ ସେ ନିଜ ତେଜକୁ ପ୍ରକଟ କରେ ନାହିଁ । ଠିକ୍ ସେହିପରି ଶ୍ରେଷ୍ଠ ପୁରୁଷଙ୍କ ମଧ୍ୟରେ ବହୁ ତେଜ ବିଦ୍ୟମାନ ଥାଏ । କାଠ ରଗଡ଼ିଲେ ଅଗ୍ନି ଉତ୍ପନ୍ନ ହୋଇ ସମସ୍ତଙ୍କୁ ବିନାଶ କରିବାର ଶକ୍ତି ରଖିଥାଏ । ସେହିପରି ଶ୍ରେଷ୍ଠଜନଙ୍କୁ ପ୍ରତାରିତ କରିବା ଦ୍ୱାରା ଯେଉଁ କ୍ରୋଧାଗ୍ନି ଉତ୍ପନ୍ନ ହୁଏ, ତାହା ବିରୋଧୀର ସବୁ କିଛି ନଷ୍ଟ କରିପକାଏ ।

(ବିଦୁର)

**ବ୍ୟକ୍ତିତ୍ୱ**

# ଗୀତିକବିତାର ଅପ୍ରତିଦ୍ୱନ୍ଦ୍ୱୀ ବିନ୍ଧାଣୀ - ସଚ୍ଚି ମହାନ୍ତି

◆ ସ୍ମିତାରାଣୀ ଦାସ

ଓଁକାର ବେଦଧ୍ୱନୀ ସ୍ୱର ସ୍ପର୍ଶରେ ଗଗନ ମଣ୍ଡଳ ଯେପରି ପୁଲକିତ ଓ ପବିତ୍ର ହୋଇଯାଏ ସେଥିରୁ ପ୍ରତିଭାତ ଲେଖନୀରୁ ଝଂକୃତ ସଂଗୀତ ସର୍ଜନାର ପ୍ରତିଶବ୍ଦରେ ଶବ୍ଦରେ ଆଦ୍ୟରୁ ଅନ୍ତ ଅର୍ଥାତ୍ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଉଠାଣି ଗଡାଣିର ମୂଲ୍ୟବୋଧ କଅଣ ଏହି ପ୍ରଶ୍ନାବଳୀର ପ୍ରଶ୍ନୋତ୍ତର ତାହାର ସତ୍ୟତା ପ୍ରତିପାଦିତ କରିଥାଏ । କେବଳ ସେତିକି ନୁହେଁ ତାହାରି ମଧ୍ୟରେ ଜୀବନଚର୍ଯ୍ୟାର ଯୋଗ-ବିୟୋଗ, ଗୁଣନ- ହରଣ ସବୁ କିଛିର ଫେଡ଼ାଫେଡ଼ିକୁ ନେଇ ଗୀତିଚର୍ଯ୍ୟାର ସଂଗୀତ ଲହରୀ ମନ ପ୍ରାଣ ହୃଦୟକୁ ଉନ୍ମାଦନା କରିଦିଏ । ବାସ୍ତବାହହିଁତ ଜୀବନ, ସଂସାର ସାଗରର ଉତାଳ ତରଙ୍ଗ, ଯାହା ଦିଏ ପରିଚୟ ଓ ପରିଚିତି, ଏଠିସେଠି ସବୁଠି । କିନ୍ତୁ କିନ୍ତୁ କିନ୍ତୁ ବେଳେବେଳେ ଏହାର ବ୍ୟତିକ୍ରମ ମଧ୍ୟ ଦେଖିବାକୁ ମିଳେ । ପରିଚୟ ସୃଷ୍ଟି କରାଇଥିବା ବ୍ୟକ୍ତି ଜଣକ ଅଲୋଡ଼ା ହୋଇଯାଏ । ପରିଚୟ ଦେଇଥିବା ଏବଂ ପରିଚିତ କରାଇଥିବା ବ୍ୟକ୍ତିତ୍ୱ ଜଣକ ଭଂଗା କଂଢ଼େଇ ସଦୃଶ ଅଦରକାରୀ ହୋଇଯାଏ । ତାହାର ମୂଲ୍ୟ କେହି ବୁଝେନା କି ବୁଝିବାକୁ ଚେଷ୍ଟା କରାଯାଏ ନା । ତାଙ୍କୁ ଚିହ୍ନନ୍ତି ନା ଜାଣନ୍ତି ନ ଦେଖିଲା ପରି ମୁହଁ ବୁଲାନ୍ତି । ପରିଚୟ ଦେଇଥିବା ସେଇ ବ୍ୟକ୍ତିଙ୍କ ଜୀବନ ପରିଧି ମଧ୍ୟରେ ଅଳ୍ପ କେତେ ଜଣକୁ ଛାଡ଼ି ଦେଲେ ଆପଣାର ଏବଂ ପର ସଭିଏଁ ହୋଇଯାଆନ୍ତି ଗୋଟିଏ ଗୋଠର । ଯାହାକି ଏହି ପ୍ରଶ୍ନର ପ୍ରଶ୍ନୋତ୍ତର । ଦୁଃଖ, ଯନ୍ତ୍ରଣାସମ ଗରଳକୁ ଅମୃତ ପରି ପାନ କରି ଛାତିକୁ ପଥର କରି ଯିଏ କଳା, ସଂଗୀତ, ସଂସ୍କୃତି ଅଭିଷେକ କରାଇଛନ୍ତି, ଯିଏ କାଗଜରୂପକ ପଥର ଦେହରେ ସୁନ୍ଦର ସୁନ୍ଦର ଶବ୍ଦକୁ ଯୋଡ଼ି କାଳଜୟୀ ସୁବାସିତ ଗୀତିକବିତା ଫୁଟାଇ ଶହଶହ ସ୍ରୋତାମାନଙ୍କ ହୃଦୟ ଜିଣି ପାରିଛନ୍ତି ସେହି ଶବ୍ଦ ସୃଷ୍ଟି ସର୍ଜନାକାର ଜ୍ଞାନ ଭଣ୍ଡାରର ନାୟକ ତଥା ସ୍ୱାଭିମାନୀ ପ୍ରତିଷ୍ଠିତ ପ୍ରତିଭା ଗୀତିକବି ହେଉଛନ୍ତି ଶ୍ରୀଯୁକ୍ତ ସଚ୍ଚି ମହାନ୍ତି । ସେ ଜଣେ ଏକାଧାରାରେ କବି, ଗୀତିକାର, ଭାସ୍ୟକାର, ସଫଳ ସଂଳାପକାର ଭାବେ ଆଦୃତଲାଭ କରିଛନ୍ତି । କହିବା ବାହୁଲ୍ୟ ଏହି ଅପ୍ରତିଦ୍ୱନ୍ଦ୍ୱୀ ଗୀତିକାର ସ୍ୱାଭିମାନୀ ସଚ୍ଚି ସାର ଯେପରି ଆଜି ଅଲୋଡ଼ା । ବିଧିର ବିଡ଼ମ୍ବନା ସିଏ ଜନ୍ମ ହେବାର ମାତ୍ର ୩ ଘଂଟା ପରେ ନିଜର ମାଆଙ୍କୁ ହରାଇଥିଲେ । ଜନ୍ମଦାତା ବାପାଙ୍କ ପାଖରୁ ଅଶୁଭ ଆଖ୍ୟା ପାଇଥିବା ଏହି କୋମଳ ଶିଶୁଟି ଯେତେବେଳେ ମାମୁଁ ଘରେ ଆଶ୍ରା ନିଏ ଦୁଃଖ, ଦାରୁଣ୍ୟ ଓ ସନ୍ତାପର ଛାଇ ସଦାବେଳେ ତାଙ୍କ ସହିତ ସାଥ ଦେଇଥିଲା ଏବଂ ଦେଇଛି ମଧ୍ୟ । ସତରେ ଯେପରି ସେ ତାଙ୍କ ଜୀବନସାଥୀ । ଏହାରି ମଧ୍ୟରେ ଦୁଃଖ ଯନ୍ତ୍ରଣା ବିଜଡ଼ିତ ଜୀବନଚକ୍ର ମଧ୍ୟରେ ଦିନ ଗଡ଼ିଗଡ଼ି ଚାଲିବା ସହ ପରବର୍ତୀ ସମୟରେ ସେ ଯେତେବେଳେ ଜୀନର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ଅଙ୍କକଷି ଚାଲନ୍ତି ତାଙ୍କ ସହିତ ସାଥ ଦେଇଥିଲେ ତାଙ୍କ ପତ୍ନୀ ଓ ପିଲା । ତାହାରି ମଧ୍ୟରେ ଭଗବତଦତ ଲେଖନୀ କଳାର ପରିସ୍ଫୁଟନ



ହୁଏ ଏବଂ ଗୋଟିଏ ପରେ ଗୋଟିଏ ଗୀତ ଲେଖି ଚାଲନ୍ତି । ସୃଷ୍ଟି ହୁଏ ଅକ୍ଷୟ ଗୀତିକବିତାର ଭଣ୍ଡାର । ପରିଚୟ ଓ ପରିଚିତି କରାଇବାର ଲକ୍ଷ୍ୟ ନେଇ ସେ ଯେତେବେଳେ ଚଳଚ୍ଚିତ୍ର ଏବଂ ଯାତ୍ରା ମାଧ୍ୟମରେ ନିଜର ଗୀତିଲେଖନୀକୁ ବଳବତର କରିଥିଲେ ଠିକ୍ ସେତିକି ବେଳେ ମାଆକୁ ହରାଇଥିବା ମାଆର ଅମୃତପାନ କରିନଥିବା ମାଆର ସ୍ନେହ, ପରଶ ପାଇ ନଥିବା ମାଆ ଛେଉଣ୍ଡ ପିଲାଟି କିପରି ମାଆର ଆଦର ଜାଣିବ ସେ କିନ୍ତୁ ଏ ସଂପର୍କରେ ମାଆକୁ ତର୍ଜମାକରି ଓଡ଼ିଆ ଚଳଚ୍ଚିତ୍ର **"ଉଲକା"**ରେ ଚହଳ ସୃଷ୍ଟି କରିଥିବା ଗୀତଟି ପାଇଁ ସେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ସେ ଗୀତଟି ହେଉଛି- **" ମାଆ ତୁମେ ମମତାର ସୀମାହୀନ ସାଗର, ମାଆ ତୁମେ ଆମ ପାଇଁ ମମତାର ମନ୍ଦିର"** । ଏହି ଗୀତଟି ଏପରି ହୃଦୟସ୍ପର୍ଶୀ ଓ ମର୍ମସ୍ପର୍ଶୀ ହୋଇପାରିଛି ଯେ, ଆଜିବି ଯେଉଁଠି ଏହି ଗୀତର ଲହରୀ ଭାସି ଆସେ ସମସ୍ତଙ୍କ ଆଖିକୁ ଆର୍ଦ୍ର କରିଦିଏ । ବହୁ ଦୁଃଖ, କଷ୍ଟ, ଝଡ଼ ଝଂନ୍ଜା ମଧ୍ୟରେ ବଂଚିବାର ରାହା ନେଇ ଖୋରାକ ପାଇଁ ଉଦ୍ୟମରତ ଥିବା ବେଳେ ଗୀତକୁ ପେଶା, ନିଶା କରି କଲମ ସହ ସଂଗ୍ରାମ କରୁଥିଲେ । ସେ ଥିଲେ ଜଣେ ଜୀବନ ସଂଗ୍ରାମରେ ସଂଗ୍ରାମରତ ସଚ୍ଚା ସଂଗ୍ରାମୀ । ସବୁଠି ଠୋକର ଖାଇ ଯେତେବେଳେ ଜୀବନର ସଂଜ୍ଞା ନିରୁପଣ କରିଥିଲେ ଏବଂ ଜୀବନକୁ ଠିକ୍ ଭାବେ ଚିହ୍ନି ନିଜ କଲମର କାନଭାସରେ ରୂପ ଦେଇଥିଲେ -**"ଏ ଜୀବନ ମାନେ ନୁହେଁ ଆହା ପିଲାଦିନ ଧୂଳିଘର, ବାଲିଘର"** । ପୁଣି ଲେଖିଥିଲେ **"ଅଭିମାନିନୀ ଅମାନିଆ ଢ଼େଉ"** । ଏହିପରି ଅନେକ ସୁନ୍ଦର ଗୀତ ସ୍ରୋତାମାନଙ୍କୁ ଭେଟି ଦେଇଥିବା ବେଳେ ଆଉ ଏକ ଐତିହାସିକ କାଳଜୟୀ ହୃଦୟସ୍ପର୍ଶୀ ଗୀତ ସର୍ବଜନାଦୃତ ହୋଇଥିଲା । ତାହା ଥିଲା - ଚଳଚ୍ଚିତ୍ର **'ସୌଭରାଗ୍ୟବତୀ'** । ଏହି ଗୀତଟି ଥିଲା **"ତୁଳସୀ ଚଉରା ମୂଳେ ଜାଳେ ସଂଜବତୀ, ତୋ ଆଶିଷେ ହେବି ମୁଁ ସୌଭାଗ୍ୟବତୀ"** । ଏହି ଗୀତଟି ସେ ଲେଖିଥିଲେ ମଧ୍ୟ କ୍ୟାସେଟରେ ତାଙ୍କ ନାମ ନଥିବା ଦେଖି ଯେତେବେଳେ ତାଙ୍କ ନାମ ନାହିଁ ବୋଲି ପ୍ରଶ୍ନ କରିଥିଲେ ସେମାନେ କହିଥିଲେ ପଇସା ତ ଦିଆଯାଇଛି ତେଣୁ ନାମ କଥା ପଚ୍ଚର ନାହିଁ । ସେତେବେଳେ ଗୀତ ରଚନା କରିଥିବା ସ୍ରଷ୍ଟାଙ୍କ ହୃଦୟ କଅଣ ହେଉଥିବ ତାହା କଅଣ କେହି ବୁଝି ପାରିଲେ ନାହିଁ କି ? ତାଙ୍କରି ଗୀତ ଗାଇ ପରିଚୟ ପାଇଥିବା କଣ୍ଠଶିଳ୍ପୀମାନେ ସ୍ୱଉଚ୍ଚକୁ ଯାଇଥିବା ବେଳେ ପରିଚୟ ଦେଇଥିବା ବ୍ୟକ୍ତି ଆଜି ଯେପରି ନ୍ୟୁନ କେହି ପଚ୍ଚରୁ ନାହାଁନ୍ତି ତାଙ୍କୁ । ସରକାରଙ୍କ ତରଫରୁ ମାତ୍ର ଦେଢ଼ଲକ୍ଷ ଟଙ୍କା ତାଙ୍କୁ ଦିଆଯାଇଥିଲା ହୁଏତ ସହାନୁଭୂତି ପାଇଁ କାରଣ ସେ ପରା ଆଜି ବୟସର ଅପରାହ୍ନରେ । ଗୀତ ରଚନା କରି ସେ ସିନା ଭେଟି ଦେଇଛନ୍ତି କିନ୍ତୁ ଏବେ କଅଣପାଇଁ ତାଙ୍କୁ ମନେ ରଖିବେ । ସେ କିନ୍ତୁ ଆଜିବି ସ୍ୱାଭିମାନୀ । ପଇସା ପାଇଁ ହାତ ପାତି ନାହାଁନ୍ତି କି ପାତିବେ ନାହିଁ । କାହିଁକି ନା ଲେଖକ କି କବି ହୁଅନ୍ତୁ ନା କାହିଁକି କଲମ ହିଁ ତାଙ୍କ ପାଇଁ ସ୍ୱାଭିମାନ, କଲମ ହିଁ ତାଙ୍କ ପାଇଁ ଜୀବନ ଜୀବିକା । କେବଳ ସରକାରଙ୍କୁ ଅନୁରୋଧ ତାଙ୍କର ଏହି ବାର୍ଦ୍ଧକ୍ୟ ଅବସ୍ଥାରେ ପୂର୍ବରୁ ସେ ଯେଉଁ ଚଳଚ୍ଚିତ୍ର, ସିରିଅର ମାନଙ୍କରେ ଗୀତ ରଚନା କରିବା ସହ ସଂଳାପ ଲେଖି ଦର୍ଶକ ଓ ସ୍ରୋତାଙ୍କ ହୃଦୟକୁ ଜିଣି ପାରିଛନ୍ତି ସେ ସୁସ୍ଥରେ ବଂଚିବା ପାଇଁ ଏବଂ ଆହୁରି ଅଧିକ ଗୀତ ରଚନା କରି ଆହୁରି ଭେଟି ଦେବାର ସକ୍ଷମ ପାଇଁ ଯଦି କିଛି ସାହାଯ୍ୟର ହାତ ବଢ଼ାଇ ପାରନ୍ତେ ତାହାଲେ ତାଙ୍କ ପାଇଁ ସୌଭାଗ୍ୟକର ହୋଇ ପାରନ୍ତା । ତାଙ୍କର ସୁଦୀର୍ଘ ଜୀବନକାମନାକରୁଛୁ ତାଙ୍କ ଜୀବନର ଚଲାପଥ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ କୁସୁମିତ କରାନ୍ତୁ ଏତିକି କେବଳ ପ୍ରଭୁଙ୍କ ପାଖେ କାମନା ।

*ସହ-ସଂପାଦିକା*
*'ଆଜିକାଲି',*
*ଗୋପାଳଗାଁ,ବାଲେଶ୍ୱର,*
*:୮୯୫୩୯୬୩୭୫୧*

## ଆଚ୍ଚିଭର୍ସ ଆୱାର୍ଡ ବିଜୟିନୀ: ମଧୁସ୍ମିତା ମହାରଣା



ନବରଙ୍ଗପୁର :ଗଭୀର ଆତ୍ମବିଶ୍ୱାସ,କଠିନ ପରିଶ୍ରମ ଓ ସ୍ଥିର ଲକ୍ଷ୍ୟ ନେଇ ନିଜସ୍ୱ କ୍ଷେତ୍ରରେ ଶୀର୍ଷ ଛୁଇଁଥିବା ତଥା ସମାଜର ମହିଳାମାନଙ୍କପାଇଁ ପ୍ରେରଣା ତଥା ଉଦାହରଣ ସୃଷ୍ଟି କରିଥିବା ବହୁ ମହିଳାଙ୍କ ମଧ୍ୟରୁ ଅଧ୍ୟାପିକା ମଧୁସ୍ମିତା ମହାରଣା ଅନ୍ୟତମ । ବୃତିରେ ଅଧ୍ୟାପନା ,କୃତିରେ କଳା ଓ ସଂସ୍କୃତି ସାଧନା । ମଂଚକଳାକୁ ପ୍ରଚାର ପ୍ରସାର କରିବାପାଇଁ ସଂକଳ୍ପ ନେଇଥିବା ମଧୁସ୍ମିତା ଚାଳିଶରୁ ଊର୍ଦ୍ଧ୍ୱନାଟକର ନିର୍ଦ୍ଦେଶନା ଦେଇ ସାଉଁଟିଛନ୍ତି ଦର୍ଶକଙ୍କ ପ୍ରିୟ ନିର୍ଦ୍ଦେଶିକା । ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିଲୋପ ପାଇଁ ତାଙ୍କ କବିତାରେ ଶାଣିତ ସ୍ୱର ରହିଛି ।ଚେଙ୍କ,କଂଚାଡାଆଣୀ,ପରମ୍ପରା ଆଦି ସଚେତନ ଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତକରି ସମାଜକୁ ବାର୍ତା ଦେଇଛନ୍ତି । ଏକାଧାରରେ ଜଣେ ଶିକ୍ଷାବିତ୍ ,କବୟିତ୍ରୀ ଏବଂ ସଫଳ ମଂଚନାଟ୍ୟ ନିର୍ଦ୍ଦେଶିକା ଭାବେ ନିଜସ୍ୱ ପରିଚୟରେ ପରିଚିତ ଶ୍ରୀମତୀ ମହାରଣା ଚଳିତ ବର୍ଷ 'ଆଚ୍ଚିଭର୍ସ ଆୱାର୍ଡ -୨୦୨୬' ବିଜୟିନୀ ହୋଇ ଜିଲ୍ଲାକୁ ଗୌରବାନ୍ୱିତ କରିବା ସହିତ ମହିଳାମାନଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି । ପ୍ରମେୟ ଓ ନ୍ୟୁଜ-୭ ଦ୍ୱାରା ଆୟୋଜିତ ଷଷ୍ଠ ଓମେନ୍ ଆଚ୍ଚିଭର୍ସ ଅଫ୍ ଓଡିଶା -୨୦୨୬ର ଶୁଭ ସମ୍ବର୍ଦ୍ଧନା ଉତ୍ସବରେ କଳା ଓ ସଂସ୍କୃତି କ୍ଷେତ୍ରରେ ମହନୀୟ ଅବଦାନ ପାଇଁ ଶ୍ରୀମତୀ ମଧୁସ୍ମିତା ମହାରଣାଙ୍କୁ ସମ୍ମାନିତ କରାଯାଇଛି । ବିଶ୍ୱମହିଳା ଦିବସର ଅବ୍ୟବହିତ ପୂର୍ବରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ପ୍ରଶଂସକଙ୍କ ମହଲରୁ ଶୁଭେଚ୍ଛା ବାର୍ତାର ସୁଅ ଛୁଟିଛି ।ନବରଙ୍ଗପୁର ଜିଲ୍ଲାର ଜଣେ ମହିଳା କଳା ଓ ସଂସ୍କୃତିପାଇଁ ସଂଗ୍ରାମ କରି ସଫଳତାର କାହାଣୀ ଲେଖିବା ଅନ୍ୟମାନଙ୍କ ପାଇଁ ନିଶ୍ଚୟ ପ୍ରେରଣା ଯୋଗାଇବ ।

## କିସ୍ ମୟୂରଭଞ୍ଜରେ ବାହା ପରବ ପାଳିତ



ବାରିପଦା : ମୟୂରଭଞ୍ଜର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ କିସ୍ ଆବାସିକ ବିଦ୍ୟାଳୟ ଠାରେ ଧୁମ୍ ଧାମରେ ସାନ୍ତାଳୀ ସମ୍ପ୍ରଦାୟର ବିଶିଷ୍ଟ ପର୍ବ 'ବାହା ବଙ୍ଗା' ପାଳିତ ହୋଇଯାଇଛି । ପାରମ୍ପରିକ ପୂଜାର୍ଚ୍ଚନା ପରେ ଛାତ୍ରୀ ମାନେ ଆଦିବାସୀ ନୃତ୍ୟରେ ନିଜକୁ ସାମିଲ କରିଥିଲେ ।ଆଦିବାସୀ ମାନଙ୍କ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ତଥା ପ୍ରଚାର ପ୍ରସାର ପାଇଁ ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତ ସର୍ବଦା ବିଶେଷ ଧ୍ୟାନଦେଇଥାନ୍ତି ବୋଲି ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ସୂଚନା ଦେଇଛନ୍ତି କ୍ଷ ଆଦିବାସୀ ଛାତ୍ରୀ ମାନଙ୍କୁ ତାଙ୍କର ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଅବଗତ କରାଇବା ଆମର କର୍ତବ୍ୟ ବୋଲି ଉପସ୍ଥିତ ଅତିଥି ମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କ୍ଷ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରିବାରେ ବିଦ୍ୟାଳୟ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ରାୟ, କ୍ରୀଡା ଶିକ୍ଷକ ବିଷ୍ଣୁପ୍ରିୟା ନାୟକ, ଶିକ୍ଷକ ଚକ୍ରଧର ମହାନ୍ତ, ସୁନାରାମ ହେମ୍ବ୍ରମ, ଜୟନ୍ତୀ ଧାଉଁରିଆ,ମାଳତୀ ମୁର୍ମୁ, ଚମ୍ପାମଣୀ ସୋରେନ, ରୋଜାଲିନ ମହାନ୍ତି, ସସ୍ମିତା ସ୍ୱାଇଁ, ବିକାଶ ମହାନ୍ତ, ଶ୍ୟାମାପଦ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

## ମାଲକାନଗିରି ରେ ଜନଗଣନା-୨୦୨୭ ପାଇଁ ସମୀକ୍ଷା ଓ ତାଲିମ୍

ମାଲକାନଗିରି : ଜିଲ୍ଲାପାଳ ତଥା ପ୍ରିନ୍ସିପାଲ୍ ସେନସସ୍ ଅଫିସର ସୋମେଶ କୁମାର ଉପାଧ୍ୟାୟ ଙ୍କ ନିର୍ଦ୍ଦେଶ କ୍ରମେ ମଡେଲ ଡିଗ୍ରୀ କଲେଜ ଠାରେ ଆଜି ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଆଗାମୀ ଅପ୍ରିଲ ୧୬ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନଙ୍କୁ ଉପଦେଶ ଦେଇଥିଲେ । ଏଥି ନିମନ୍ତେ ଅପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ସ୍ୱଗଣନା କରାଯିବ । ଯେଉଁଥିରେ ସେନସସ ପୋର୍ଟାଲ ବ୍ୟବହାର କରି ଯେକୌଣସି ବ୍ୟକ୍ତି ନିଜର ସମସ୍ତ ତଥ୍ୟ ଅପଲୋଡ କରିପାରିବେ । ଯଦିଓ ଜନଗଣନା ଭାରତରେ ପ୍ରତି ୧୦ ବର୍ଷ ବ୍ୟବଧାନରେ ହେବା କଥା, ମାତ୍ର ଏହା ୨୦୧୧ ପରେ ୧୫ ବର୍ଷ ବ୍ୟବଧାନରେ ହେଉଥିବାରୁ ଜଣେ ସଚେତନ ନାଗରିକ ହିସାବରେ ନିଜର ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଉପଦେଶ ଦେଇଛନ୍ତି ।ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପ – ନିର୍ଦ୍ଦେଶକ ଜୟକୃଷ୍ଣ ଭୋଇ ଟ୍ରେନିଂ ଅଫିସର ଭାବେ ଜନଗଣନାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ପ୍ରଶିକ୍ଷଣରେ ଜନଗଣନା ନିର୍ଦ୍ଦେଶାଳୟର କର୍ମଚାରୀ ମାନେ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜନଗଣନା ସମ୍ପର୍କିତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା କରାଯାଇଛି । ଏହି ଅବସରରେ ସିଏମଏମଏସ ର ବ୍ୟବହାର, ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ତଥ୍ୟ ସଂଗ୍ରହ, ଡାଟାର ସଠିକତା ଓ ସମୟୋପଯୋଗୀ ରିପୋର୍ଟ ଉପରେ ଜୋର୍ ଦିଆଯାଇଛି । ଜିଲ୍ଲାସ୍ତରୀୟ ଅଧିକାରୀ, ଚାର୍ଜସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ କର୍ମଚାରୀମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ଜନଗଣନା କାର୍ଯ୍ୟକୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଆବଶ୍ୟକ ଦିଗନିର୍ଦ୍ଦେଶ ଗ୍ରହଣ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସମସ୍ତ ଗଣନା କାର୍ଯ୍ୟ ସଠିକ୍ ଓ ପାରଦର୍ଶୀ ଭାବେ କରାଯିବା ସହ ଜନସାଧାରଣଙ୍କ ସହଯୋଗ ନିଆଯିବ । ଏହି ପ୍ରଶିକ୍ଷଣ ଆୟୋଜନ କରିବାରେ ଡେପୁଟି ସେନସସ୍ ଅଫିସର ମୁନା ତୁରୁକ୍ ସହଯୋଗ କରିଥିଲେ ।

## ଷଡବିଂଶତମ ଫଗୁଣ ରସ-ରଙ୍ଗ ହାସ୍ୟ ବ୍ୟଙ୍ଗ କବିତା ପାଠୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ

କଟକ: (ନି.ପ୍ର)ମଧୁପାଟଣା ଅନ୍ତର୍ଗତ ଡାଇରୀ ଫାର୍ମ ଛକ ନିକଟସ୍ଥ ସ୍ଥାନୀୟ ଉଦୟଭାନୁ ସାହିତ୍ୟ ସଂସଦ ପରିସରରେ ଷଡବିଂଶତମ ଫଗୁଣ ରସ ରଂଗ ହାସ୍ୟ ବ୍ୟଙ୍ଗ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଉଦୟଭାନୁ ସାହିତ୍ୟ ସଂସଦର ଷଡବିଂଶତମ ଫଗୁଣ ରସ-ରଙ୍ଗ ନବନିର୍ମିତ ମଂଚ ଉଦ୍‌ଘାଟନ କରାଯାଇଥିଲା । ହାସ୍ୟବ୍ୟଙ୍ଗ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି । ଉକ୍ତ କର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ତିନିଜଣ କବିଙ୍କୁ 'ରସିକରାଜ', 'ରସିକଶେଖର' ଓ 'ରସିକ ଚୂଡାମଣି" ଉପାଧିରେ ବିଭୂଷିତ କରାଯାଇଥିଲା । ମୁଖ୍ୟଅତିଥି ଭାବରେ ଶ୍ରୀଯୁକ୍ତ ରତ୍ନାକର ରାଉତ.



ଭା.ପ୍ର.ସେ.ପ୍ରାକ୍ତନ ନିର୍ଦ୍ଦେଶକ, ପ୍ରାଣୀପାଳନ ଓ ପଶୁ ଚିକିତ୍ସା ବିଭାଗ, ଓଡିଶା ସରକାର ବରେଣ୍ୟ ଅତିଥି ରୂପେ ଡକ୍ଟର ଅନଙ୍ଗ ମୋହନ ଦ୍ୱିବେଦୀ, ବିଶିଷ୍ଟ ଚିକିତ୍ସକ ଓ ଚଳଚ୍ଚିତ୍ର ଅଭିନେତା ସଂଯୋଜକ ଓ ସମ୍ମାନନୀୟ ବିଚାରକ ଶ୍ରୀଯୁକ୍ତ ବିଶ୍ୱ ବିଭୁ ମିଶ୍ର, ବିଶିଷ୍ଟ ବ୍ୟଙ୍ଗ ସାହିତ୍ୟିକ, ଶ୍ରୀମତୀ ପ୍ରମିଳା ପତି, ବିଶିଷ୍ଟ ସାହିତ୍ୟିକା, ଶ୍ରୀ ସୁଧୀର କୁମାର ନାୟକ, ସଂଗଠନ ସମ୍ପାଦକ, ଉଦୟଭାନୁ ସାହିତ୍ୟ ସଂସଦ,ଶ୍ରୀଯୁକ୍ତ ଶାନ୍ତି ରାଜେଶ, ବିଶିଷ୍ଟ ବ୍ୟଙ୍ଗ କବି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାବେଳେ ସଭାପତିତ୍ୱ କରିଥିଲେ ପ୍ରଫେସର ବିଜୟ କୁମାର ଶତପଥୀ । ଉଦୟଭାନୁ ସାହିତ୍ୟ ସଂସଦର ଉତ୍ସବକୁ ପରିଚାଳନା କରିଥିଲେ ଶ୍ରୀମତୀ କଲ୍ୟାଣୀ ନାୟକ । ଏତଦ୍ ବ୍ୟତୀତ ଅନୁଷ୍ଠାନର ଉପ ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କାର୍ଯ୍ୟକାରୀ ସଭାପତି ଶ୍ରୀ ସୁରେନ୍ଦ୍ର କୁମାର ପତି, ସାଧାରଣ ସମ୍ପାଦକା ଶ୍ରୀମତୀ ସରୋଜିନୀ ମିଶ୍ର, ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ଆଦିକନ୍ଦ ରାଉତ,ଅର୍ଚ୍ଚନାରାଣୀ ଭୂୟାଁ, ଶରତ ଚନ୍ଦ୍ର ମହାନ୍ତି, ଅଶ୍ୱିନୀ କୁମାର ସେଠୀ, ବିଜୟ କୁମାର ନାଥ, ନିରୁପମା ମିଶ୍ର, ଗୀତାଞ୍ଜଳି ପୃଷ୍ଟି, ପ୍ରେମାନନ୍ଦ ସ୍ୱାଇଁ, ଶାନ୍ତିଲତା ମିନତୀ ସେନାପତି, ଛବିରାମ ସେଠୀ, ଚିନ୍ମୟୀ ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ କବି ଓ କବୟିତ୍ରୀମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ଅବସରରେ ଏକ ଛୋଟ ନାଟକ ପରିବେଷଣ କରାଯାଇଥିଲା ।ଏହି ନାଟକରେ ଅଭିନୟ କରିଥିଲେ ଇଂ ସଂଗ୍ରାମ ନାୟକ, ଆଦିକନ୍ଦ ରାଉତ, ପ୍ରମିଳା ପତି ଓ ଅନ୍ୟମାନେ ।

## ମାର୍ଚ୍ଚ ୧୪ ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬ ନିମନ୍ତେ ପ୍ରସ୍ତୁତି ବୈଠକ

ନୂଆପଡ଼ା : ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡା ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆସନ୍ତା ମାର୍ଚ୍ଚ ୧୪ ତାରିଖ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ନୂଆପଡା ଜିଲ୍ଲା କୋର୍ଟ ସମେତ କୋମନା, ଖଡ଼ିଆଳ, ସିନାପାଲି ଓ ବୋଡ଼େନ କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମୋକଦ୍ଦମା ତଥା ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ ଓ ଜଳ ଯୋଗାଣ ବିଲ୍ ଦେୟଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ପ୍ରାକ୍-ମକଦ୍ଦମା ସ୍ତରୀୟ ତଥା ବ୍ୟାଙ୍କ ଋଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ଦେୱାନି, ଫୌଜଦାରୀ ମୋକଦ୍ଦମା ଗୁଡ଼ିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ମୋକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ । ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ହୋଇଥାଏ । ସବିଶେଷ ବିବରଣୀ ନିମନ୍ତେ ନୂଆପଡ଼ା ଜିଲ୍ଲା ଆଇନ ସେବା କାର୍ଯ୍ୟାଳୟର ହେଲ୍ପଲାଇନ୍ ନମ୍ବର ୦୬୬୭୮-୨୨୫୩୩୬ ଏବଂ ଟୋଲ ଫ୍ରି ନମ୍ବର ୧୫୧୦୦ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ସଚିବ ନବନୀତା ଦାଶ ସୂଚନା ଦେଇଛନ୍ତି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ପାଇଁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପାରମିତା ମହାପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ବରିଷ୍ଠ ଦେୱାନି ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ସରକାରୀ ଓକିଲ ତ୍ରୀଲୋକଚନ୍ଦ ସୋନୀ, ଜିଲ୍ଲା ଓକିଲ ସଂଘ ସଭାପତି କ୍ଷୀତିଶ ବୋଧନକର, ଉପସଭାପତି ପ୍ରକାଶ ସ୍ୱାଇଁ, ସଚିବ ପ୍ୟାରିଲାଲ ଦେୱାଙ୍ଗନ, ଜାତୀୟ ସରକାରୀ ଏବଂ ବେସରକାରୀ ବ୍ୟାଙ୍କଗୁଡ଼ିକ ପ୍ରବନ୍ଧକଗଣ, ଟାଟା ପାୱାରର ପ୍ରତିନିଧି ପ୍ରମୁଖ ଉପସ୍ଥିତ ହୋଇ ଆଗାମି ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ । ଏହି ଅବସରରେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ସମସ୍ତ ସରକାରୀ ଓ ବେସରକାରୀ ବ୍ୟାଙ୍କଙ୍କୁ ଅଧିକରୁ ଅଧିକ ପ୍ରାକ୍-ମୋକଦ୍ଦମାସ୍ତରୀୟ ବ୍ୟାଙ୍କ ଋଣ ମାମଲାଗୁଡ଼ିକର ରାଷ୍ଟ୍ରୀୟ ଲୋକ ଅଦାଲତରେ ସମାଧାନ କରିବାକୁ ଆହ୍ୱାନ କରିଥିଲେ । ସେହିପରି ସଚିବ ସୁଶ୍ରୀ ଦାଶ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଷ୍ଟ୍ରୀୟ ଲୋକ ଅଦାଲତରେ ଆପୋଷ ବୁଝାମଣ ଓ ସରଳ ଉପାୟରେ ନିଜ ନିଜର ମାମଲାର ସମାଧାନ ପାଇଁ ଆହ୍ୱାନ କରିଥିଲେ । ସବିଶେଷ ବିବରଣୀ ନିମନ୍ତେ ନୂଆପଡ଼ା ଜିଲ୍ଲା ଆଇନ ସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲେ



# ସଂଶୋଧିତ ଜିଡିପି : ଡାଟା ଆଧାରିତ ଯୁଗରେ ଉଚିତ୍ ନିଷ୍ପତି ଗ୍ରହଣ

ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମରୂପାୟନମନ୍ତ୍ରଣାଳୟ ନୂତନ ଆଧାର ବର୍ଷ ୨୦୨୨-୨୩ ଉପରେ ଆଧାରିତ ଜିଡିପିତଥ୍ୟ ପ୍ରକାଶ କରିଛି । ଏହି ତଥ୍ୟ ଦର୍ଶାଉଛି ଯେ ସଂଶୋଧିତଆଧାରବର୍ଷ ସତ୍ତ୍ୱେ ଅର୍ଥବ୍ୟବସ୍ଥା ଦୃଢ଼ ଅଭିବୃଦ୍ଧି ବଜାୟ ରଖିଛି । ୨୦୨୩-୨୪ ରୁ ୨୦୨୫-୨୬ ପାଇଁ ହାରାହାରି ବାସ୍ତ ବଜିଡିପି ଅଭିବୃଦ୍ଧି ୭ ପ୍ରତିଶତରୁ ଅଧିକ ଏବଂ ସମାନ ଅବଧିରେ ହାରାହାରି ନାମମାତ୍ର ଡିପିଅଭିବୃଦ୍ଧି ୯ ପ୍ରତିଶତରୁ ଅଧିକରହିଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଦ୍ୱିତୀୟ ଅଗ୍ରୀମ ଆକଳନ ଅନୁଯାୟୀ, ବାସ୍ତବଜିଡିପି୭.୬ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବାବେଳେ ନାମମାତ୍ର ଜିଡିପି ୮.୬ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଆଧାର ବର୍ଷ ସଂଶୋଧନ ସମୟରେ ଗ୍ରହଣ କରାଯାଇ ଥିବା ଅନେକ ପଦ୍ଧତିଗତ ପରିବର୍ତନ ଏବଂ ନୂତନ ତଥ୍ୟ ଉତ୍ସର ପୃଷ୍ଠଭୂମିରେ ଦେଖିଲେ ଏହି ସଂଖ୍ୟାଗୁଡ଼ିକର ଗୁରୁତ୍ୱ ଆହୁରି ସ୍ପଷ୍ଟ ହୋଇଯାଏ । ଅନ୍ୟାନ୍ୟକାରକ ଗୁଡ଼ିକ ବ୍ୟତୀତ ଅପସ୍ଫୀତିବାଡି ଫ୍ଲେସନର ଅଧିକ ପରିସ୍କୃତ ପଦ୍ଧତି ଗ୍ରହଣ କରାଯିବା ଏବଂ ବାର୍ଷିକ ସର୍ବେକ୍ଷଣର ନିଷ୍କର୍ଷ ଏବଂ ବ୍ୟାପକ ପ୍ରଶାସନିକ ତଥ୍ୟ ସେଟ୍ ଭଳି ସମୃଦ୍ଧ ତଥ୍ୟ ଉତ୍ସଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଅର୍ଥବ୍ୟବସ୍ଥାରେ ପରିବର୍ତନଶୀଳ ଧାରାଗୁଡ଼ିକୁ ଅଧିକ ସ୍ପଷ୍ଟ ଭାବରେ ବୁଝିବାରେ ସାହାଯ୍ୟ କରିଛି । ଭାରତର ଜିଡିପିପଦ୍ଧତି ପ୍ରତି ବ୍ୟାପକ ଆଗ୍ରହକୁ ଦୃଷ୍ଟିରେ ରଖି ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, ଯାହା ପ୍ରାୟତଃ ଅର୍ଥବ୍ୟବସ୍ଥାର କାର୍ଯ୍ୟଦକ୍ଷତା ବିଷୟରେ ବିତର୍କକୁ ଇନ୍ଧନ ଯୋଗାଇଛି । ସଂଶୋଧିତ ଜିଡିପି ତଥ୍ୟ କେବଳ ପରିସଂଖ୍ୟାନ ଆଧାରିତ ସଂଖ୍ୟାକୁ ଦର୍ଶାଏ ନାହିଁ; ବରଂ ନିରବତାର ସହିତ ଏହା ମଧ୍ୟ ଦର୍ଶାଇଥାଏ ଯେ ବିଭିନ୍ନ ସରକାରୀ ପ୍ରୟାସ ବିକଶିତ ଭାରତ ୨୦୪୭ର ବ୍ୟାପକ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇ ନୀତିଗୁଡ଼ିକୁ କିପରି ଦୃଢ଼ କ୍ଷେତ୍ରୀୟ ପରିଣାମରେ ପରିବର୍ତନ କରୁଛି । ୨୦୨୩-୨୪ରୁ୨୦୨୫-୨୬ ମଧ୍ୟରେ ଉତ୍ପାଦନ କ୍ଷେତ୍ର ହାରାହାରି ୧୧ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଡବଲ୍ ଡିଫ୍ଲେସନ୍ ବ୍ୟବହାର ଏବଂ ନୂତନ ତଥ୍ୟ ଉତ୍ସ ଗ୍ରହଣ ଭଳି ପରିସ୍କୃତ ପଦ୍ଧତିଗୁଡ଼ିକ ଏହି କ୍ଷେତ୍ରର ପ୍ରକୃତ ଗତିକୁ ଭଲ ଭାବରେ ବୁଝିବାରେ କିପରି ସକ୍ଷମ ହୋଇଛି ଏହାତାହାର ଏକ ସ୍ପଷ୍ଟ ଉଦାହରଣ । ଏହି ଗତିକୁ ସରକାରଙ୍କ ଦ୍ୱାରା ଉତ୍ପାଦନ-ଆଧାରିତପ୍ରୋତ୍ସାହନ (ପିଏଲଆଇ) ଯୋଜନା ସମେତ ବିଭିନ୍ନ ଯୋଜନା ମାଧ୍ୟମରେ ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯାଉଛି । ନୂତନ ଶୃଙ୍ଖଳାରେ, ମୂଲ୍ୟ ବୃଦ୍ଧିରେ କୃଷିର ଅବଦାନରେ ବୃଦ୍ଧି ମୁଖ୍ୟତଃ ଡିଜେଲ ବ୍ୟବହାର ହ୍ରାସ ଏବଂ ଉଚ୍ଚ-ମୂଲ୍ୟର ଫଳ ଓ ପନିପରିବା ଅନ୍ତର୍ଭୁକ୍ତ ହେବା ଯୋଗୁଁ ହୋଇଛି । ଏଗୁଡ଼ିକ ସକାରାତ୍ମକ ସଙ୍କେତ, ଯାହା ମୂଲ୍ୟ ଚାପ କମ କରିବା, ସରକାରୀ ପ୍ରୋତ୍ସାହନ ଯୋଗୁଁ ଚାଷୀମାନେ ସୌରଶକ୍ତି ଗ୍ରହଣ କରିବା ଏବଂ ଉଚ୍ଚ-ମୂଲ୍ୟର କୃଷି ଆଡକୁ ନୀତିଗତ ପରିବର୍ତନକୁ ପ୍ରତିଫଳିତ କରେ । ଏହା କୃଷି ଲାଭକୁ ସୁଦୃଢ଼ କରେ ଏବଂ ଚାଷୀଙ୍କ ଆୟରେ ସୁଧାରଆଣିଥାଏ । ଅସଂଗଠିତ କ୍ଷେତ୍ର ଉଦ୍ୟୋଗର ବାର୍ଷିକ ସର୍ଭେ (ଏଏସୟୁଏସଇ) ଏବଂ ଅବଧିଆଧାରିତଶ୍ରମବଳ ଫୋର୍ସ ସର୍ଭେ (ପିଏଲଏଫଏସ) ଭଳି ନୂତନ ସର୍ବେକ୍ଷଣ ତଥ୍ୟର ବ୍ୟବହାର, ବାଣିଜ୍ୟ, ପରିବହନ ଏବଂ ଅନ୍ୟାନ୍ୟ ସେବା ଭଳି ଅନୌପଚାରିକ କ୍ଷେତ୍ର-ପ୍ରଧାନ ସେବା କ୍ଷେତ୍ରଗୁଡ଼ିକରେ ଜିଡିପିଆକଳନକୁ ଉଲ୍ଲେଖନୀୟ ଭାବରେ ପୁନଃଆକୃତି ଦେଇଛି । ପୂର୍ବରୁ, ଏହି ଉଦ୍ୟୋଗଗୁଡ଼ିକ ପାଇଁ ଗଣନା ସିଧାସଳଖ ତଥ୍ୟ ବଦଳରେ ବେଂଚ ମାର୍କ-ଆଧାରିତ ଆକଳନ ଉପରେ ନିର୍ଭର କରୁଥିଲା । ଉଦାହରଣ ସ୍ୱରୂପ, ବାଣିଜ୍ୟ, ହୋଟେଲ, ପରିବହନ ଏବଂ ଯୋଗାଯୋଗ ଉପକ୍ଷେତ୍ର ୨୦୨୩-୨୪ ରୁ ୨୦୨୫-୨୬ ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ ହାରାହାରି ୯ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି । ଏହା ଆଂଶିକ ଭାବରେ ଉନ୍ନତ ତଥ୍ୟ ବ୍ୟବହାରର ଫଳାଫଳ, କାରଣ ଏଏସୟୁଏସଇ ଏବଂ ପିଏଲଏଫଏସ ପରି ସର୍ବେକ୍ଷଣବର୍ତମାନର ଧାରା ଉପରେ ଆଲୋକପାତ କରିବା ସହିତ ଅନୌପଚାରିକ କ୍ଷେତ୍ର ଏବଂ ଶ୍ରମିକ ଉତ୍ପାଦକତାକୁ ସ୍ପଷ୍ଟ ରୂପେ ଦେଖିବାକୁ ସକ୍ଷମ କରିଥାଏ । ସେହିପରି, ସଂଶୋଧିତ ହୋଇଥିବା ତଥ୍ୟ ଉତ୍ସର ବ୍ୟବହାର ଆବାସିକ ସମ୍ପତି ମାଲିକାନା ବୃଦ୍ଧି ରେକର୍ଡ କରିଛି, ଯାହା ସରକାରଙ୍କ ସୁଲଭ ଆବାସଯୋଜନାର ସକାରାତ୍ମକ ଫଳାଫଳକୁ ଦର୍ଶାଇଥାଏ । ନୂତନ ଡିଜିଟାଲ୍ ତଥ୍ୟ ଉତ୍ସକାରଣରୁ ରୁଜିଡିପି ଆକଳନ ଲାଭବାନ ହୋଇଛି ।ଏଥିମଧ୍ୟରୁ ଅନେକ "ଡିଜିଟାଲ୍ ଇଣ୍ଡିଆ" ଭଳି ସରକାରୀ ପଦକ୍ଷେପ ମାଧ୍ୟମରେ ଅଧିକ ସୁଗମ ହୋଇଛି । ଇ-ବାହନ, ଏମଜିଟି-୭ କର୍ପୋରେଟ୍ ରିଟର୍ଣ୍ଣ, ଜିଏସଟିତଥ୍ୟ ଏବଂ ସାର୍ବଜନୀନ ଆର୍ଥିକ ପରିଚାଳନା ପ୍ରଣାଳୀ (ପିଏଫଏମଏସ) ଭଳି ଡାଟାବେସ୍ ବର୍ତମାନ ସିଧାସଳଖ ଜାତୀୟ ଆକାଉଂଟରେ ଯୋଗ ଦାନ ଦେଉଛନ୍ତି । ଜିଏସଟି ତଥ୍ୟ ବିଶେଷ କରି, ତ୍ରୈମାସିକ ଆକଳନକୁ ଅଧିକ ସଠିକ୍ କରିଛି ଏବଂ ଏହାରାଜ୍ୟ-ୱାରୀ ଆବଂଟନକୁ ଉନ୍ନତ କରିବ । ଏହାର ପରିଣାମ ଅଧିକ ଦୃଢ଼ ଏବଂ ଆନ୍ତିରକ ଭାବେ ସୁସଂଗତ ଜିଡିପି ଆକଳନ ପ୍ରଣାଳୀ ରୂପେ ସାମ୍ନାକୁ ଆସିଛି । ଏହା ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟକୁ ମଧ୍ୟ ପ୍ରତିଫଳିତ କରେ, ଯେଉଁଥିରେ ଜିଡିପିଆକଳନର ସଠିକତା ବୃଦ୍ଧି କରିବା ପାଇଁ ପ୍ରଶାସନିକ ତଥ୍ୟକୁ ନୂତନ ଉପାୟରେ ବ୍ୟବହାର କରାଯାଉଛି । କେବଳ ଜିଡିପିପାଇଁ ନୁହେଁ, ମନ୍ତ୍ରଣାଳୟ ସାରା ଦେଶରେ ପ୍ରମାଣ-ଭିତିକ ନିଷ୍ପତି ଗ୍ରହଣ ଲାଗି ପ୍ରଶାସନିକ ତଥ୍ୟର ବ୍ୟବହାରକୁ ପ୍ରୋତ୍ସାହିତ କରିବାର ଏକ ପରିବେଶ ସୃଷ୍ଟି କରିବାର ବ୍ୟାପକ ଲକ୍ଷ୍ୟକୁ ମଧ୍ୟ ଅନୁସରଣ କରୁଛି । ଏହାର ମୁଖ୍ୟ ପ୍ରୟାସ ହେଉଛି ତଥ୍ୟର ଗୁଣବତା, ତୁଳନାତ୍ମକତା ଏବଂ ଆନ୍ତଃକାର୍ଯ୍ୟକ୍ଷମତାକୁ ଉନ୍ନତ କରିବା, ଯେଉଁଥିରେ ଜାତୀୟ ଓ ଉପ-ଜାତୀୟ ସ୍ତରରେ ତଥ୍ୟର ସ୍ଥିର ତଥା ପ୍ରଭାବଶାଳୀ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ରାଜ୍ୟଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟ ଅନ୍ତର୍ଭୁକ୍ତ । ତଥ୍ୟ-ଆଧାରିତ ନିଷ୍ପତି ଗ୍ରହଣର ଏହି ଯୁଗରେ, ସ୍ଥାନୀୟ ଅର୍ଥ ବ୍ୟବସ୍ଥାକୁ ବୁଝିବା ଏବଂ ଲକ୍ଷ୍ୟଭିତିକ ନୀତିଗୁଡ଼ିକୁ ମାର୍ଗଦର୍ଶନ କରିବା ପାଇଁ ଉପ-ଜାତୀୟ ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହିକାରଣରୁରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଦୃଢ଼ ଜିଡିପିଆକଳନ ପ୍ରତି ଅଧିକ ଧ୍ୟାନ ଦିଆଯାଉଛି, ଯାହା ପାଇଁ ରାଜ୍ୟଗୁଡ଼ିକୁ ବୈଷୟିକ ସହାୟତା ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ, ବର୍ତମାନର ନମୁନା ସର୍ବେକ୍ଷଣରେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଦ୍ୱାରା ଜିଲ୍ଲା-ସ୍ତରୀୟ ଆକଳନ ପ୍ରସ୍ତୁତ କରିବା ପାଇଁ ବ୍ୟବସ୍ଥା ଅଛି । ଏଏସୟୁଏସଇ ଏବଂ ପିଏଲଏଫଏସଅଧୀନରେ ଏହି ଦୃଢ଼ ଉପ-ରାଜ୍ୟ-ସ୍ତରୀୟ ସର୍ଭେ ଆକଳନଗୁଡ଼ିକ ଉପ-ଜାତୀୟ ସ୍ତରରେ ଅର୍ଥବ୍ୟବସ୍ଥାର ଅଧିକ ବିସ୍ତୃତ ଏବଂ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରି ରାଜ୍ୟ/ଉପ-ରାଜ୍ୟଜିଡିପି ପରିମାପନର ସଠିକତାକୁ ଆହୁରି ସୁଦୃଢ଼ କରିବ । ଆଧାର ବର୍ଷ ସଂଶୋଧନ ଅନେକ ସୁଧାର ଆଣିଏବଂଆମର ପରିସଂଖ୍ୟାନ ପ୍ରଣାଳୀର ମୂଳ ଦୁଆକୁ ମଜବୁତ କରିବାସହିତଆବଶ୍ୟକ ଭିତିଭୂମି ପ୍ରସ୍ତୁତ କରିଛି । ତଥାପି, ଏହା ଏକ ପରିବର୍ତନ କାରୀ ଯାତ୍ରାର କେବଳ ଆରମ୍ଭ, କାରଣ ଏହି ପ୍ରଣାଳୀ ନୂତନ ପରିସଂଖ୍ୟାନ ଉତ୍ପାଦ ଏବଂ ପ୍ରଶାସନିକ ତଥ୍ୟ ସେଟର ସମନ୍ୱୟ ଭଳି ପରବର୍ତୀ ପଦକ୍ଷେପ ମାଧ୍ୟମରେ ବିକଶିତ ହେବା ଜାରି ରଖିଛି । ମିଳିତ ଭାବେ, ଏହି ପ୍ରୟାସଗୁଡ଼ିକ ନୀତି ନିର୍ମାତା ମାନଙ୍କୁ ଠିକ୍ ସମୟରେ, ବିଶ୍ୱସନୀୟ ଓ କାର୍ଯ୍ୟ କାରିତା ଯୋଗ୍ୟ ସୂଚନା ପ୍ରଦାନ କରି ଗତିଶୀଳ, ଉତରଦାୟୀ ଏବଂ ଭବିଷ୍ୟତ ଉନ୍ମୁଖୀ ପରିସଂଖ୍ୟାନ ପ୍ରଣାଳୀର ବିକାଶକୁ ଆଗକୁ ବଢ଼ାଉଛି ।


ଶ୍ରୀ ସୌରଭ ଗର୍ଗ

***ସଚିବ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ***

# ବିଜୁ ବାବୁଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଏବଂ ନୂତନ ଜିଲ୍ଲା କର୍ମକର୍ତାଙ୍କୁ ସମ୍ବର୍ଦ୍ଧନା

ବୈଶିଙ୍ଗା(ନିପ୍ର): ବେତନଟୀ ବ୍ଲକ ବିଜୁ ଜନତା ଦଳ ତରଫରୁ ବେତନଟୀ ଡାକ ବଙ୍ଗଳା ଠାରେ ବ୍ଲକ ସଭାପତି ରାଜୀବ ସେନାପତିଙ୍କ ନେତୃତ୍ୱ ରେ ବିଜୁ ବାବୁ ଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ପାଳନ କରାଗଲା । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଜିଲ୍ଲାର ନୂତନ ଭାବରେ ଦାୟିତ୍ୱ ପାଇଥିବା ଜିଲ୍ଲା ସମ୍ପାଦକ ବରିଷ୍ଠ ନେତା ଶ୍ରୀଯୁକ୍ତ ଜ୍ୟୋତିକାନ୍ତ ସାମଲ , ପ୍ରଥମେ ବିଜୁ ବାବୁଙ୍କ ଫୋଟ ଚିତ୍ର ରେ ଧୂପ ପୁଷ୍ପ ପ୍ରଦାନ କରିଥିଲେ ଦଳର ନେତା ତଥା ଉପସ୍ଥିତ ଥିବା ନେତୃବୃନ୍ଦ, ବ୍ଲକ ର ୩ ଟି ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ, ଧାନି କିସ୍କୁ ବିଜୁ ବାବୁଙ୍କ ଉପରେ ନିଜର ଭାଷଣ ପ୍ରଦାନ କରିଥିଲେ , ପୂର୍ବତନ ଜିଲ୍ଲା ପରିଷଦ ସୁଶାନ୍ତ କୁମାର ବଳା, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଜୁ ପ୍ରେମୀ ସତିଶ ପାତ୍ର, ଜିଲ୍ଲା ସମ୍ପାଦକ ଭବାନୀ ମିଶ୍ର, ଅନାମ ଦତ, ବିନଦ ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ଲଳାଟେନ୍ଦୁ ବେହେରା, ଯାମିନୀ ନାଏକ ନିଜର ଭାଷଣ ପ୍ରଦାନ କରିଥିଲେ, ବେତନଟୀ CHCରେ ରୋଗୀଙ୍କୁ ଫଳ ବଂଟନ କରାଗଲା ଏବଂ ନୂତନ ଜିଲ୍ଲା କର୍ମକର୍ତା ଜିଲ୍ଲା ସମ୍ପାଦକ ଜ୍ୟୋତିକାନ୍ତ ସାମଲ, ଭବାନୀ ମିଶ୍ର, ଅନାମ ଦତ, ସୁନ୍ଦର ମହାନ୍ତ, ବିନଦ ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ଲଳାଟେନ୍ଦୁ ବେହେରା, ରାଜୀବ ସେନାପତି ବ୍ଲକ ସଭାପତି, ରାଜ୍ୟ ଛାତ୍ର ଜନତା ସାଧାରଣ ସମ୍ପାଦକ ଚିତେଶ୍ୱର ବେହେର ଙ୍କୁ ପୁଷ୍ପଗୁଚ୍ଛ ଓ ବିଜେଡି ଗାମୁଛା ପ୍ରଦାନ କରି ସମ୍ମାନିତ କରାଗଲା । କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ସନ୍ତକ ଲେଙ୍କା, ପରେଶ ବେହେରା, ପ୍ରମୋଦ ପାଢ଼ୀ, ଟୁନା ମହାପାତ୍ର, ଚିନ୍ମୟ ପଣ୍ଡା, ହରେକୃଷ୍ଣ ବେହେରା, ସିତାନାଥ ବେହେରା, ଛାତ୍ର ନେତା ଦୀପକ ସାହୁ, ସୌରଭ ପରିଡ଼ା, ଜୀବନ ଦାସ, ଅମର ପଞ୍ଚା, ଆଶିଷ ବେହେରା, ବିଜୁ ଜନତା ଦଳର ବରିଷ୍ଠ ନେତା, ଯୁବ ନେତା, ଛାତ୍ର ନେତା, ମହିଳା ସଙ୍ଗଠନ । ଶେଷରେ ଧନ୍ୟବାଦ୍ ପ୍ରଦାନ କରିଲେ ଜିଲ୍ଲାର ନୂତନ ସମ୍ପାଦକ ସୁନ୍ଦର ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ ।



# ୧୧୦ ତମ ଜନ୍ମଜୟନ୍ତୀ ଉପଲକ୍ଷେ ବିଜେଡି ଭବନରେ ବିଜୁ ବାବୁ ଜନ୍ମ ସମାରୋହ ପାଳିତ

ନୂଆପଡ଼ା(ନିପ୍ର): ପ୍ରବାଦ ପୁରୁଷ, ବିଜୁବାବୁଙ୍କ ଜନ୍ମ ଜୟନ୍ତୀ ଅବସରରେ ଖଡ଼ିଆ ବିଜେଡି ପକ୍ଷରୁ ଜନ୍ମ ଜୟନ୍ତୀ ପାଳନ କରିଥିଲେ । ସଂକ୍ଷେପରେ ବିଜୁ ବାବୁ ଙ୍କ ଜୀବନୀର କିଛି ଆପଣ ମାନଙ୍କୁ ବଖାଣି ଦେଉଛି । କିଏ କହେ ପ୍ରବାଦ ପୁରୁଷ, ବିରୋଧୀ ବି ମାନନ୍ତି, ଝଡରଇଗଲ, କିଏ ପୁଣି କହନ୍ତି କିମ୍ବଦନ୍ତୀ ପୁରୁଷ କିଏ କିଏ ମଧ କହିଥାନ୍ତି ଓଡ଼ିଶାର ଦ୍ୱିତୀୟ କୋଣାର୍କ,କିଏ କହେ ଖାରବେଳ ତ କିଏ କହେ କଳିଙ୍ଗ ସମ୍ରାଟ, ହଁ ସେ ହିଁ ଭୂମିପୁତ୍ର, ଆଧୁନିକ ଓଡ଼ିଶା ନିର୍ମାଣର ପ୍ରମୁଖ ବିନ୍ଧାଣୀ, ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଖ୍ୟାତ ଶିଳ୍ପପତି, ବୈମାନିକ, ରାଷ୍ଟ୍ର ନୀତିଜ୍ଞ,ଭାରତ ବର୍ଷ ର ବୀରତ୍ୱ, ବିବେକ, ବିଚାର, ଆତ୍ମବିଶ୍ୱାସ ତଥା ସାହସିକତା ର ମୂର୍ତିମନ୍ତ ପ୍ରତୀକ ବିଜୁବାବୁ, ବିଜୟାନନ୍ଦ ପଟ୍ଟନାୟକ । ସେ ଏକାଧାରରେ ସୁଦକ୍ଷ ଶାସକ, ବ୍ୟବସ୍ଥାପକ, ରାଷ୍ଟ୍ର ନାୟକ, ଜଣେ ଉଦାର, ସରଳ, ନିଷ୍କପଟ, ସୁଦକ୍ଷ ପାଇଲଟ୍ ଥିଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବିଜୁବାବୁଙ୍କ କୈଶୋର ଓ ଶୈଶବ ଥିଲା, ବହୁ ମହାର୍ଘ୍ୟ ଅନୁଭୂତି ର ଗନ୍ତାଘର । ବୀରତ୍ୱ, ଶୌର୍ଯ୍ୟ ଓ ଦେଶବାସୀଙ୍କ ପାଇଁ ଉତ୍ସର୍ଗୀକୃତ ଜୀବନ ହିଁ ମହାନୁଭବତାର ପରିଚୟ ମିଳିଥିଲା, ଅନେକ କାଳଜୟୀ ଘଟଣାବଳୀରୁ । ମହାକାଳକୁ ବିସ୍ମିତ ଓ ଚକିତ କରି ବେଳେ ବେଳେ ଏ ସୃଷ୍ଟିରେ ଏପରି ଯୋଗଜନ୍ମା ପୁରୁଷଙ୍କର ଆବିର୍ଭାବ ଘଟିଥାଏ, ଯେଉଁ ମାନେ ନିଜ ର କର୍ମ, ଆଦର୍ଶ , ତ୍ୟାଗ ପ୍ରତିବଦ୍ଧତା ବଦଳରେ ଇତିହାସ ସୃଷ୍ଟିକରନ୍ତି, ଇତିହାସ କୁ ବଦଳେଇ ପାରନ୍ତି, ଇତିହାସରେ କାଳଜୟୀ ହେବାକୁ ନିଜ ଆଖିରେ ସ୍ୱପ୍ନ ଭରି ଚାଲନ୍ତି, ଯେଉଁଥିପାଇଁ ଅବଦୁଲ କଲାମଙ୍କ ଉକ୍ତି ଥିଲା, ଲକ୍ଷ୍ୟ ହାସଲ ପାଇଁ ପ୍ରଥମେ ସ୍ୱପ୍ନ ଦେଖିବା ଆବଶ୍ୟକ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ପର୍ଯ୍ୟନ୍ତ ଅହରହ ସ୍ୱପ୍ନ ଦେଖିବା ଓ ସାକାର କରିବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ । ଠିକ୍ ସେହିଭଳି ଥିଲେ, ବିଜୁ ପଟ୍ଟନାୟକ । ଅସରନ୍ତି ସାହସ, ଧୈର୍ଯ୍ୟ, ଆତ୍ମବିଶ୍ୱାସ ଯୋଗୁଁ ଇତିହାସର କୀର୍ତି ରାଜି ମଧ୍ୟରେ ସ୍ୱର୍ଣ୍ଣାଭ ପୃଷ୍ଠାଟିରେ ଆୟୁଷ୍ମାନ ହୋଇ ଛନ୍ତି, ନିଜକୁ ଧନ୍ୟ କରିବା ସହିତ ନିଜର ପିତାମାତାଙ୍କୁ ତଥା ପରିବାର କୁ ମଧ ଯଶସ୍ୱୀ କରି ପାରିଛନ୍ତି । ୧୯୩୦ ମସିହାର କଥା । ବନ୍ୟାଂଚଳ ବରିକୁ ଚୁଡ଼ା, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ସହିତ ଗୋପବନ୍ଧୁ ଡଙ୍ଗା ରେ ବସି ଯାଉଥିଲେ । ହଠାତ୍ ପବନ ଆସିବାରୁ ଗୋପବନ୍ଧୁଙ୍କ ଛତା ଟି ଉଡିଯାଇ ନଈ ସୁଅରେ ଭାସି ଯାଉଥିବା ର ଦେଖି ହଠାତ ଏକ ବିସ୍ମୟ ବାଳକ ନଦୀର ଅଗାଧ ପାଣି କୁ ଖାତିର ନ କରି ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ, ଏବଂ ଛତାଟିକୁ ଧରି ଉପରକୁ ଆସି ଗୋପବନ୍ଧୁ ଙ୍କୁ ଦେଇଥିଲେ । ଗୋପବନ୍ଧୁ ଏପରି ସାହସୀ ବାଳକଙ୍କୁ ଛାତିରେ ଜାବୁଡ଼ି ଧରି କାନ୍ଦିପକେଇ ଥିଲେ । ସେ କହିଥିଲେ, 'ବାବୁରେ । ସାମାନ୍ୟ କେଇଟଙ୍କାର ଛତାଟିଏ ପାଇଁ ତୁ ନିଜ ଜୀବନକୁ ସୁଅ ମୁହଁରେ ଠେଲିଦେଲୁ, ତୋତେ ମୁଁ ଆଶୀର୍ବାଦ କରୁଛି, ଭବିଷ୍ୟତରେ ତୁ ଜଣେ ବଡ଼ ମଣିଷ ହେବୁ, ଓଡ଼ିଆ ଜାତିର ଟେକ ରଖିବା ସତରେ, ସେହି ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ, ଆକାଶଛୁଆଁ ପରିକଳ୍ପନା ମନସ୍କ ବିଶିଷ୍ଟ ଶିଳ୍ପପତି, ମୁକ୍ତାକାଶ ର ବିହଙ୍ଗ, ଦୀର୍ଘ ଦିନ ମୁଖ୍ୟ ମନ୍ତ୍ରୀତ୍ୱରେ ସମସ୍ତ ଙ୍କର ହୃଦୟ କନ୍ଦରରେ ବିଜୟୀ ପ୍ରିୟ ଜନନାୟକ, ଯୁଗସ୍ରଷ୍ଟା । , ଅସରନ୍ତି କୀର୍ତିମାନ ଯୁଗସ୍ରଷ୍ଟା କିମ୍ବଦନ୍ତୀ ପୁରୁଷ ଥିଲେ, ବିଜୁ ପଟ୍ଟନାୟକ ।

# ଷଡ଼ବିଂଶତମ ଫଗୁଣ ରସ-ରଙ୍ଗ ହାସ୍ୟ ବ୍ୟଙ୍ଗ କବିତା ପାଠୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ

କଟକ(ନିପ୍ର): ମଧୁପାଟଣା ଅନ୍ତର୍ଗତ ଡାଇରୀ ଫାର୍ମ ଛକ ନିକଟସ୍ଥ ସ୍ଥାନୀୟ ଉଦୟଭାନୁ ସାହିତ୍ୟ ସଂସଦ ପରିସରରେ ଷଡବିଂଶତମ ଫଗୁଣ ରସ ରଂଗ ହାସ୍ୟ ବ୍ୟଙ୍ଗ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଉଦୟଭାନୁ ସାହିତ୍ୟ ସଂସଦର ଷଡବିଂଶତମ ଫଗୁଣ ରସ-ରଙ୍ଗ ନବନିର୍ମିତ ମଂଚ ଉଦ୍‌ଘାଟନ କରାଯାଇଥିଲା । ହାସ୍ୟବ୍ୟଙ୍ଗ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି । ଉକ୍ତ କର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ତିନିଜଣ କବିଙ୍କୁ 'ରସିକରାଜ', 'ରସିକଶେଖର' ଓ 'ରସିକ ଚୂଡାମଣି" ଉପାଧିରେ ବିଭୂଷିତ କରାଯାଇଥିଲା । ମୁଖ୍ୟଅତିଥି ଭାବରେ ରତ୍ନାକର ରାଉତ. ଭା.ପ୍ର.ସେ.ପ୍ରାକ୍ତନ ନିର୍ଦ୍ଦେଶକ, ପ୍ରାଣୀପାଳନ ଓ ପଶୁ ଚିକିତ୍ସା ବିଭାଗ, ଓଡିଶା ସରକାର ବରେଣ୍ୟ ଅତିଥି ରୂପେ ଡକ୍ଟର ଅନଙ୍ଗ ମୋହନ ଦ୍ୱିବେଦୀ, ବିଶିଷ୍ଟ ଚିକିତ୍ସକ ଓ ଚଳଚ୍ଚିତ୍ର ଅଭିନେତା ସଂଯୋଜକ ଓ ସମ୍ମାନନୀୟ ବିଚାରକ ବିଶ୍ୱ ବିଭୁ ମିଶ୍ର, ବିଶିଷ୍ଟ ବ୍ୟଙ୍ଗ ସାହିତ୍ୟିକ, ପ୍ରମିଳା ପତି, ବିଶିଷ୍ଟ ସାହିତ୍ୟକା, ସୁଧୀର କୁମାର ନାୟକ, ସଂଗଠନ ସମ୍ପାଦକ, ଉଦୟଭାନୁ ସାହିତ୍ୟ ସଂସଦ, ଶାନ୍ତି ରାଜେଶ, ବିଶିଷ୍ଟ ବ୍ୟଙ୍ଗ କବି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିବାବେଳେ ସଭାପତିତ୍ୱ କରିଥିଲେ ପ୍ରଫେସର ବିଜୟ କୁମାର ଶତପଥୀ । ଉଦୟଭାନୁ ସାହିତ୍ୟ ସଂସଦର ଉତ୍ସବକୁ ପରିଚାଳନା କରିଥିଲେ କଲ୍ୟାଣୀ ନାୟକ । ଏତଦ୍ ବ୍ୟତୀତ ଅନୁଷ୍ଠାନର ଉପ ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ପତି, ସାଧାରଣ ସମ୍ପାଦକା ସରୋଜିନୀ ମିଶ୍ର, ଯୁଗ୍ମ ସମ୍ପାଦକ ଆଦିକନ୍ଦ ରାଉତ,ଅର୍ଚ୍ଚନାରାଣୀ ଭୂୟାଁ, ଶରତ ଚନ୍ଦ୍ର ମହାନ୍ତି, ଅଶ୍ୱିନୀ କୁମାର ସେଠୀ, ବିଜୟ କୁମାର ନାଥ, ନିରୁପମା ମିଶ୍ର, ଗୀତାଞ୍ଜଳି ପୃଷ୍ଟି, ପ୍ରେମାନନ୍ଦ ସ୍ୱାଇଁ, ଶାନ୍ତିଲତା ମିନତୀ ସେନାପତି, ଛବିରାମ ସେଠୀ, ଚିନ୍ମୟୀ ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ କବି ଓ କବୟିତ୍ରୀମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ଅବସରରେ ଏକ ଛୋଟ ନାଟକ ପରିବେଷଣ କରାଯାଇଥିଲା । ଏହି ନାଟକରେ ଅଭିନୟ କରିଥିଲେ ଇଂ ସଂଗ୍ରାମ ନାୟକ, ଆଦିକନ୍ଦ ରାଉତ, ପ୍ରମିଳା ପତି ଓ ଅନ୍ୟମାନେ ।



# ଉଦ୍‌ଘାଟିତ ହେଲା ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣ, ଆଜି ଠାରୁ ଆରମ୍ଭ ଦିବାରାତ୍ର ମ୍ୟାଚ୍

ବାଲେଶ୍ୱର: ଅନନ୍ତ ଅନଙ୍ଗ ଗ୍ରୁପ୍ ଆନୁକୂଲ୍ୟରେ ଏବଂ ବାଲେଶ୍ୱର କ୍ରିକେଟର୍ସ ଆସୋସିଏସନ୍ ପକ୍ଷରୁ ଆଜି ସନ୍ଧ୍ୟାରେ ସହରର ପରମିଟ୍ ପଡ଼ିଆରେ ଉଦ୍‌ଘାଟିତ ହୋଇଛି ବାଲେଶ୍ୱର ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣ । ପୂର୍ବାଂଚଳ ଡିଆଇଜି ପିନାକ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଂଟ୍‌କୁ ଉଦ୍‌ଘାଟନ କରିବା ସହ ଟ୍ରଫିକୁ ଉନ୍ମୋଚନ କରିଥିଲେ । ଏହାସହ ଦୀର୍ଘ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏହିଭଳି ଟୁର୍ଣ୍ଣାମେଂଟ୍ ପାଇଁ ବାଲେଶ୍ୱର କ୍ରିକେଟର୍ସ ଆସୋସିଏସନର କର୍ମକର୍ତାଙ୍କୁ ସେ ଧନ୍ୟବାଦ ଦେଇଥିଲେ । ଅନୁଷ୍ଠାନର ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରିମିୟର ଲିଗ୍ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିସିଏର ଚେୟାରମେନ୍ ରାଜେଶ ମହାପାତ୍ର ବିପିଏଲ ୧୩ ସଂସ୍କରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା କ୍ରୀଡ଼ା ସଂଘର କ୍ରିକେଟ୍ ସମ୍ପାଦକ ଅଜିତ ପାତ୍ର, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ଡେକାନ୍ ୱାରିୟର୍ସର ଶିଳାଦିତ୍ୟ ଘୋଷ୍, ଗ୍ରୀନଲିଫ୍ ଫାଇଟର୍ସର ମୁକେଶ ବିଶ୍ୱାଳ, ଶିବାଜୀ ଟାଇଟନସ୍‌ର ମନମୟ ଦାସ, ଓଡିଓ୍ୱାନ୍ ଫାଇଟର୍ସର ଦେବଜ୍ୟୋତି ଦାସ୍ ମହାପାତ୍ର, ଦି ଟାଇଟନସ୍‌ର ମୃତ୍ୟୁଞ୍ଜୟ ରାଉତ୍, ହାଇଲାଣ୍ଡ ହରିକେନସ୍‌ର ସୁଶାନ୍ତ ରାଉତ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଂଟର ସଫଳତା କାମନା କରିଥିଲେ । ଚଳିତ ବର୍ଷ ୬ଟି ଦଳ ଏହି ଲିଗ୍‌ରେ ଅଂଶ ଗ୍ରହଣ କରିଛନ୍ତି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୬ଟି ଦଳର ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିସିଏର ମୁଖ୍ୟଉପଦେଷ୍ଟା ଅମିତ୍ ଅମିତାଭ୍ ମହାକୁଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ସପନ ଖିଲାର ଶେଷରେ ଧନ୍ୟବାଦ ଦେଇ ଥିଲେ । ସଭାପରେ ଫ୍ରାଂଚାଇଜ ଓ ବିସିଏର କର୍ମକର୍ତାଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।







# ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ପାଳନ

ଝାରସୁଗୁଡା(ନି.ପ୍ର.)ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡିଶା ର ଭୂମିପୁତ୍ର ବିଜୁ ପଟ୍ଟନାୟକ ଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଝାରସୁଗୁଡା ବିଜେଡି ତରଫରୁ ଗୁରୁବାର ପୂର୍ବାହ୍ନ ୧୦ ଟା ରେ ବଡ଼ମାଳ ବିଜୁ ପଟ୍ଟନାୟକ ଛକ ଠାରେ ପାଳନ ହୋଇ ଯାଇଛି ।ବଡ଼ମାଳ ଛକ ରେ ଥିବା ବିଜୁ ବାବୁ ଙ୍କ ପ୍ରତିମୂର୍ତି ରେ ଜିଲ୍ଲା ବିଜେଡି ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ବାବୁ ଙ୍କ ଜନ୍ମ ଜୟନ୍ତୀ କୁ ସ୍ମରଣ କରିଥିଲେ ।ଉପସ୍ଥିତ ବିଜେଡି କର୍ମକର୍ତା ମାନେ ବିଜୁ ବାବୁ ଙ୍କ ସ୍ତୁତି ଚାରଣ କରିବା ସହିତ ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ, କଳିଙ୍ଗ ବୀର, ବିଜୁ ବାବୁ



ସବୁବେଳେ ଓଡ଼ିଶା ସହିତ ସାରା ବିଶ୍ୱ ର ଜଣେ ଅଦ୍ୱିତୀୟ ନେତା ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେଡି ର ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ,ପୂର୍ବତନ ଜିଲ୍ଲା ସଭାପତି ରବି ସିଂ, ଉପସଭାପତି ଅଶୋକ ଦାସ, ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୁଭାଶିଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ପଓ୍ୱନ୍ ସିଂ ଯାଦବ ପଓ୍ୱନ୍ ଶର୍ମା, ଭବାନୀ ସାହା, କାହ୍ନା ପୋଢ଼ , କୁଶ ସେହୁଲ୍, ସତନ୍ତ ଶର୍ମା, ଥବିର ମିଶ୍ର, ସୁବାସ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ବୁଲା କୁକୁର ବନ୍ଧ୍ୟାକରଣ ଅଭିଯାନ: ୪୩ ଦିନରେ ୭୩୭ କୁକୁରଙ୍କ ସଫଳ ଅସ୍ତ୍ରୋପଚାର

ବ୍ରହ୍ମପୁର(ନି.ପ୍ର.) : ବ୍ରହ୍ମପୁର ସହରରେ ବୁଲା କୁକୁରଙ୍କ ବଂଶ ବୃଦ୍ଧି ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବନ୍ଧ୍ୟାକରଣ ଅଭିଯାନ ଜାରି ରହିଛି । ମେୟର ସଂଘମିତ୍ରା ଦଳେଇ ଓ କମିଶନର ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ତତ୍ୱାବଧାନରେ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୭ ଫେବୃଆରୀ ଶେଷ ସୁଦ୍ଧା ୪୩ ଦିନ ମଧ୍ୟରେ ଲକ୍ଷଣୀୟ ସଫଳତା ହାସଲ କରିଛି । ଉପଲବ୍ଧ ତଥ୍ୟ ଅନୁଯାୟୀ ଏପର୍ଯ୍ୟନ୍ତ ସହରରେ ୭୩୭ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ସଫଳତାର ସହିତ ସମ୍ପନ୍ନ ହୋଇଛି । ସେଥିମଧ୍ୟରୁ ୭୩୭ଟି କୁକୁରଙ୍କୁ ସୁସ୍ଥ ହେବା ପରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ପୁନଃ ଛାଡ଼ାଯାଇଛି । ସମସ୍ତ ଅସ୍ତ୍ରୋପଚାର ଓ ଟିକାକରଣ ପ୍ରକ୍ରିୟା ପଶୁ ଚିକିତ୍ସକମାନଙ୍କ ନିର୍ଦ୍ଦେଶନାରେ ସଫଳତାର ସହିତ



କରାଯାଇଛି । ଏହି ଉଦ୍ୟମ ଫଳରେ ସହରରେ ବୁଲା କୁକୁରଙ୍କ ଅନିୟନ୍ତ୍ରିତ ବଂଶବୃଦ୍ଧି ହ୍ରାସ ପାଇବା ସହିତ ଜଳାତଙ୍କ (ରେବିଜ୍) ଭଳି ରୋଗର ଆଶଙ୍କା କମିବା ଓ ସହରବାସୀଙ୍କ ପାଇଁ ଅଧିକ ସୁରକ୍ଷିତ ପରିବେଶ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

ବ୍ରହ୍ମପୁର ମହାନଗର ନିଗମର ଏହି ପଦକ୍ଷେପ ସହରର ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ପଶୁ କଲ୍ୟାଣ ପ୍ରତି ତାଙ୍କର ଦାୟିତ୍ୱବୋଧକୁ ସ୍ପଷ୍ଟ କରୁଛି । ସହରବାସୀମାନଙ୍କ ସହଯୋଗ ମିଳିଲେ ଏହି ଅଭିଯାନ ଆଗାମୀ ଦିନରେ ଆହୁରି ସଫଳ ହେବ ବୋଲି କହିଛନ୍ତି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା । ଯାଂଚ ବେଳେ କମିଟିର ଅଧ୍ୟକ୍ଷ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସ ଥିବା ବେଳେ, ଉପଖଣ୍ଡ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା,ଡ଼. ସତ୍ୟନାରାୟଣ କର ଓ ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ, ଅସିଷ୍ଟା[ କମିଶନର ବିଭୁ ପ୍ରସାଦ ମହାପାତ୍ର ଓ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା ଉପସ୍ଥିତ ଥିଲେ । ପରେ ଉକ୍ତ ଅଙ୍ଗଗୁଡ଼ିକୁ ନିୟମାନୁସାରେ ପୋତା ଯାଇଥିବା ଜଣାପଡ଼ିଛି ।

# ଜଙ୍ଗଲର ନିଆଁକୁ ନିୟନ୍ତ୍ରଣ ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡିଲେ ଡିଏଫ୍ଓ

କେନ୍ଦୁଝର,(ନି.ପ୍ର.) : ଜଙ୍ଗଲ ନିଆଁ ରୋକିବା ପାଇଁ ଲୋକଙ୍କ ସହଯୋଗ ଲୋଡିଲେ ଡିଏଫ୍ଓ ଧନରାଜ ଏଚଡି । ଚଳିତବର୍ଷ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଥିବାରୁ ଗତବର୍ଷ ଅପେକ୍ଷା ଜଙ୍ଗଲ ନିଆଁକୁ ଯଥେଷ୍ଟ ନିୟନ୍ତ୍ରଣ କରାଯିବା ପାଇଁ ପ୍ରସ୍ତୁତି କରାଯାଉଛି । ଜଙ୍ଗଲ ନିଆଁ ଯୋଗୁଁ ପ୍ରତିବର୍ଷ ଶହ ଶହ ହେକ୍ଟର ଜଙ୍ଗଲ ଜଳିପୋଡି ନଷ୍ଟ ହେଉଛି । ଚଳିତ ବର୍ଷ ମଧ ବହୁ ସ୍ଥାନରେ ଜଙ୍ଗଲ ନିଆଁ ଚିନ୍ତାର ବିଷୟ ହୋଇଛି । ଅଦ୍ୟାବଧି ୭ ଟି ରେଞ୍ଜରେ ୪୫୨ ଟି ଫାୟାର ପଏ[ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ୪୪୬ ଜଙ୍ଗଲ ଏବଂ ୬ ଟି ଅଣଜଙ୍ଗଲ ସ୍ଥାନରେ ଚିହ୍ନଟ ହୋଇଛି । ଘଟଗାଁ ବନାଚଂଳରେ ୧୭୦ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଥିବାବେଳେ ତେଲକୋଇରେ ୧୨୬ଟି,କେନ୍ଦୁଝର ବନାଚଂଳରେ ୫୭ଟି,ପାଟଣା ବନାଚଂଳରେ ୫୨ଟି,ବିଜେପି ବନାଚଂଳରେ ୧୫ଟି,ବଡବିଲରେ ୨ ଓ ଚମ୍ପୁଆ ବନାଚଂଳରେ ୩୧ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଛି ବୋଲି ଡିଏଫ୍ଓ ସୂଚନା ଦେଇଛନ୍ତି । କେନ୍ଦୁଝର ବନଖଣ୍ଡରେ ନିଆଁ ଲିଭାଇବା ପାଇଁ ୧୬୦ଟି ଫାୟାର ସ୍କ୍ୱାର୍ଡ ଓ ଅନ୍ୟାନ୍ୟ ସ୍କ୍ୱାର୍ଡ ଗଠନ କରାଯାଇଛି । ପ୍ରତି ଛୋଟ ଛୋଟ ଅଂଚଳରେ ଏହି କର୍ମଚାରୀମାନେ ପହରା ଦେଇ ନିଆଁକୁ ଆୟତ କରୁଛନ୍ତି । ଏହାବ୍ୟତୀତ ୨୦୦ଟି ବ୍ଲୋୟର ମେସିନ ଓ ୧୨ଟି ଚାରି ଚକିଆ ଗାଡି ଯୋଗାଇ ଦିଆଯାଇଛି । ପ୍ରତି ୧୦ ଜଣ ସ୍କ୍ୱାର୍ଡ ପାଇଁ ଗୋଟିଏ ଗାଡିର ବ୍ୟବସ୍ଥା କରାଯାଇଛି । ଜଙ୍ଗଲର ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରତ୍ୟେକ ଖଣି କମ୍ପାନୀ ୫ ଜଣ କରି କର୍ମଚାରୀଙ୍କୁ ନିୟୋଜିତ କରିବାକୁ ନିଦ୍ରେ୍ଦଶ ଦିଆଯାଇଛି । ଚଳିତ ବର୍ଷ ୧୨୩୨ କିଲୋମିଟର ଫାୟାର ଲାଇନ କରାଯାଇଛି । ଜଙ୍ଗଲ ନିଆଁ ରୋକିବା ଏବଂ ପେଟ୍ରୋଲିଂ ପାଇଁ ୧୨ ଟି ଗାଡି ନିୟୋଜିତ କରାଯାଇଛି । ଯେଉଁ ସ୍ଥାନରେ ଅଧିକ ନିଆଁ ଲାଗୁଛି ସେଠାରେ ଅଧିକ ଫାୟର ସ୍କବାର୍ଡ ନିୟୋଜିତ କରାଯାଇଛି । ଖରାଦିନ ଆରମ୍ଭରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଜଙ୍ଗଲ ମାନଙ୍କରେ ନିଆଁ ଲାଗିବା ଆରମ୍ଭ ହୋଇଯାଇଛି । ଗୋଟିଏ ପଟେ ମଣିଷ ଦ୍ୱାରା କୃତ୍ରିମ ଜଙ୍ଗଲ ପୋଡି, ଅନ୍ୟପଟେ ଖଣି ମାଲିକ ଓ କାଠ ମାଫିଆମାନଙ୍କ ଦ୍ୱାରା ଜଙ୍ଗଲ ଧ୍ୱଂସ ଏଥିରେ ସନେ୍ଦହ ନାହିଁ । ଜଙ୍ଗଲ ନିଆଁକୁ ରୋକିବା ପାଇଁ ରାଜ୍ୟ ସରକାର ବନବିଭାଗକୁ ସମସ୍ତ ସହଯୋଗ କରୁଥିବାବେଳେ ଏଥିନେଇ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ଚଳିତବର୍ଷ ଖଣି କମ୍ପାନୀମାନେ ମଧ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ କର୍ମଚାରୀ ନିୟୋଜିତ କରିବେ । ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଅଗ୍ନିକାଣ୍ଡ ଘଟିଥିବା ରିପୋର୍ଟ ମିଳିଛି । ଅଦ୍ୟାବଧି କେନ୍ଦୁଝର ବନଖଣ୍ଡର ୭ଟି ବନାଚଂଳର ୪୫୨ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଛି । ସେଥିମଧ୍ୟରୁ ଘଟଗାଁ ବନାଚଂଳରେ ସର୍ବାଧିକ ୧୭୦ଟି ସ୍ଥାନରେ ନିଆଁ ଲାଗିଛି । ଆଗକୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଡିଏଫ୍ଓ କହିଛନ୍ତି । ବିରଳ ବନ୍ୟପ୍ରାଣୀ କେନ୍ଦୁଝର ବନଖଣ୍ଡରେ ଚଳପ୍ରଚଳ କରୁଥିବାରୁ ଜଙ୍ଗଲ ନିଆଁକୁ ନିୟନ୍ତ୍ରେଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି । ୧୬୦ ଜଣ ଫାୟାର ସ୍କ୍ୱାର୍ଡ ୨୪୭ଟି ବ୍ଲୋୟର ମେସିନ୍ ଧରି ବନ କର୍ମଚାରୀ ନିଆଁ ଲାଗିବା ମାତ୍ରେ ୩ ଘ[। ମଧ୍ୟରେ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବାକୁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ଡିଏଫ୍ଓ କହିଛନ୍ତି । ଏହାସହିତ ୪୯୨ ବନ ସୁରକ୍ଷା ସମିତି ନିଆଁକୁ ନିୟନ୍ତ୍ରଣ ପାଇଁ ଦାୟିତ୍ୱ ଦିଆଯାଇଛି । ମହିଳାମାନେ ଜଙ୍ଗଲରେ ଫାୟାର ଲାଇନ୍ କରି ନିଆଁକୁ ନିୟନ୍ତ୍ରଣ ପାଇଁ ଦାୟିତ୍ୱ ଦିଆଯାଇଛି । ମହିଳାମାନେ ଜଙ୍ଗଲରେ ଫାୟାର ଲାଇନ୍ କରି ନିଆଁକୁ ଆୟତ କରୁଥିବାରୁ କେନ୍ଦୁଝର ବନଖଣ୍ଡ ଏବେ ନିୟନ୍ତ୍ରଣରେ ରହିଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଜଙ୍ଗଲର ସୁରକ୍ଷା ଦାୟିତ୍ୱ ସ୍ଥାନୀୟ ଅଂଚଳବାସୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏବେ ବିରଳ ବନ୍ୟପ୍ରାଣୀ ଯୋଗୁଁ ଅଟେଇ ସଂରକ୍ଷିତ ଜଙ୍ଗଲରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଛି । ସାଟେଲାଇଟ ମାଧମରେ ବିଭାଗକୁ ଜଙ୍ଗଲ ନିଆଁ ସଂପର୍କରେ ସୂଚନା ମିଳୁଥିବାବେଳେ ବନ କର୍ମଚାରୀ ଓ କଣ୍ଟ୍ରୋଲ ରୁମ୍ ନମ୍ବର ମଧ ଜାରି କରାଯାଇଛି । ଜଙ୍ଗଲରେ ନିଆଁକୁ ଦେଖିବା ମାତ୍ରେ ବନବିଭାଗକୁ ଫୋନ୍ କରି ସହଯୋଗ କରିବାକୁ ଡିଏଫ୍ଓ ନିବେଦନ କରିଛନ୍ତି । ଏ ସଂପର୍କରେ ଡିଏଫ୍ଓ ଧନରାଜ ଏଚ୍ଡି ଙ୍କୁ ପଚାରିବାରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଡିଭିଜନ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସମିଟ୍ରେ ଆଇଏଏଫ୍ଏସ୍ ପ୍ରତୀକ ଇନ୍ଦଲକର,ଏସିଏଫ୍ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଂପର୍କରେ ବିଭିନ୍ନ ସୂଚନା ଦେଇଥିଲେ ।

# ମାର୍ଚ୍ଚ ୧୨, ପୁରୀ ଚାଲ : କଳାକାର ମହାସଂଘ

ବ୍ରହ୍ମପୁର(ନି.ପ୍ର.) : କଳା ଓ କଳାକାର ହିତୈଷୀ ମହାମଂଚ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ଚଳିତ ମାର୍ଚ୍ଚ ୧୨ ତାରିଖରେ କଳାକାର ସମାଜକୁ ପୁରୀ ଚାଲ ଡାକରା ଦିଆଯାଇଛି । ଉକ୍ତ ଦିନ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ସ୍ଥିତ ଐତିହାସିକ ରଙ୍ଗମଂଚ 'ଅନ୍ନପୂର୍ଣ୍ଣା ଥିଏଟର' ପ୍ରେକ୍ଷାଳୟ ପରିସରରେ ଏକ ରାଜ୍ୟସ୍ତରୀୟ କଳାକାର ସମାବେଶର ଆୟୋଜନ କରାଯାଇଛି । ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ସୋରଲ ଜଙ୍କସନ୍ ସ୍ଥିତ ସୁରେଶ ହସ୍ପିଟାଲ ସଭାକକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କଳା ଓ କଳାକାରଙ୍କ ସମସ୍ୟା, ସରକାରୀ ସହାୟତା, କଳାକାର ସମାଜ ମଧ୍ୟରେ ଭାଇଚାରା ବଜାୟ ରଖିବା ଆଦି ବିଷୟ ନେଇ ଏ ସମାବେଶର ଆୟୋଜନ କରାଯାଇଥିବା ନେଇ ମହାସଂଘ ତରଫରୁ ପ୍ରକାଶ । ବୈଠକକୁ ସ୍ୱାଗତ କ୍ରମରେ ଆମର ସମସ୍ତ କଳାକାର ଭାଇ ଓ ଭଉଣୀମାନେ ଏହି ମହାର୍ହ ସମାବେଶରେ ଅଂଶ ଗ୍ରହଣ ନିମନ୍ତେ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଅନୁରୋଧ ଜଣାଇଛନ୍ତି । କାର୍ଯ୍ୟକାରୀ ସଭାପତି ଡଃ. ବିଜୟ ଚନ୍ଦ୍ର ମହାରଣା ଉକ୍ତ ଦିନ ପୂର୍ବାହ୍ନ ଆଠ ଘଟିକା ସମୟେ ଶ୍ରୀମନ୍ଦିର ସିଂହଦ୍ୱାର ସଂନିକଟରୁ ଏକ ବର୍ଣ୍ଣାଢ୍ୟ କଳାକାର ଶୋଭାଯାତ୍ରା ବାହାରି ଅନ୍ନପୂର୍ଣ୍ଣା ରଙ୍ଗମଚଠାରେ କଳାକାର ସମାବେଶରେ ଯୋଗଦେବେ । ସେଠାରେ ଲୋକ ନାଟକ 'ଲକ୍ଷ୍ମୀ ପୁରାଣ' ପ୍ରଦର୍ଶନ ସହ ସାଙ୍ଗଠନିକ ଆଲୋଚନା, ପୁରୀ ଜିଲ୍ଲା ବରିଷ୍ଠ କଳାକାର ସଂଘ ଗଠନ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ । ପୁରୀ ସମାବେଶ ନିମନ୍ତେ ବରିଷ୍ଟ ଉଦଘୋଷକ ମାନସ ରଂଜନ ଦାସ ଏବଂ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଚୂଡାନ୍ତ ରୂପରେଖ ପ୍ରସ୍ତୁତ ଦାୟିତ୍ୱ ନ୍ୟସ୍ତ କରାଗଲା । ଆଲୋଚନାରେ ବରିଷ୍ଠ ସାରସ୍ୱତ ସାଧକ ନରେନ୍ଦ୍ର ପ୍ରସାଦ ବେହେରା, ସ୍ୱରବିବୁଧ ରମେଶ ଚନ୍ଦ୍ର ସ୍ୱାଇଁ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ନାଟ୍ୟକାର ସୁରେନ୍ଦ୍ର କୁମାର ଜେନା, ନାଟ୍ୟସୂର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ଶର୍ମା, ନୃତ୍ୟଗୁରୁ ବି. ଶିବ ପ୍ରସାଦ ରାଓ, ଗଳାରତ୍ନ ପ୍ରଦୀପ କୁମାର ସାହୁ, ନାଟଗୁରୁ ପେଣ୍ଡ୍ରା ପ୍ରସାଦ ନାୟକ, କନ୍ଧମାଳ ଶାଖା ସଭାପତି ତ୍ରିନାଥ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ଯୁଦ୍ଧିଷ୍ଠିର ଭଞ୍ଜ ସାମନ୍ତ, ଦୀପକ କୁମାର ପ୍ରଧାନ, ବିଶିକେଶନ ସାହୁ, ଜି. କାମରାଜୁ ପାତ୍ର, ଶୁଭକାନ୍ତ ସାହୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ପରିଶେଷରେ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଆପାଳ ସିମୁଳିଆ ବଜାରରେ ଗୋଟିଏ ରାତିରେ ତିନୋଟି ଦୋକାନରୁ ଚୋରି

ବାଲିଆପାଳ(ନି.ପ୍ର.)ବାଲିଆପାଳ ବ୍ଲକର ମୁଖ୍ୟ ବାଣିଜ୍ୟ କେନ୍ଦ୍ର ସିମୁଳିଆ ବଜାରରେ ବୁଧବାର ରାତିରେ ଗୋଟିଏ ରାତିରେ ତିନୋଟି ଦୋକନରୁ ଚୋରି ହୋଇଥିବା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଦୁଇଟି ବଣିଆ ଦୋକାନ ସହିତ ଏକ ତେଜରାତି ଦୋକାନର ତାଲା କାଟି ବହୁ ମୂଲ୍ୟବାନ ସାମଗ୍ରୀ ଓ ନଗଦ ଟଙ୍କା ଚୋରି ହୋଇଯାଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ ସିମୁଳିଆ ବଜାରରେ ପ୍ରଶାନ୍ତ ସିଂ,ଗୋଲକ ବିହାରୀ ଦାସର ଦୁଇଟି ବଣିଆ ଦୋକାନ ସହିତ ଓ ଅନିଲ କୁମାର ଜେନା ଙ୍କ ତେଜରାତି ଦୋକାନ ରୁ ଚୋରୀ ହୋଇଛି ।ବଜାର ମଧ୍ୟରେ ରାତ୍ରିରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନ ଥିବାରୁ ଅନ୍ଧାର ର ସୁଯୋଗ ନେଇ ରାତିରେ ଦୋକାନର ତାଲା କାଟି ଚୋରମାନେ ଦୋକାନ ଭିତରକୁ ପସି ବିଭିନ୍ନ ସାମଗ୍ରୀ ଓ ନଗଦ ଟଙ୍କା ନେଇଯାଇଛଥିବା ଜଣାପଡିଛି ।ଗୁରୁବାର ସକାଳେ ଲୋକେ ଦୋକାନ ର ତାଲା କାଟା ଯାଇଥିବା ଦେଖି ଘଟଣା ବିଷୟରେ ଦୋକାନୀଙ୍କୁ ଜଣାଇଥିଲେ । ପରେ ଏନେଇ ବାଲିଆପାଳ ଥାନାକୁ ସୂଚନା ଦେବାପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।ତେବେ ପୋଲିସ ର କଡ଼ା ପେଟ୍ରୋଲିଂ ଅଭାବରୁ ସ୍ଥାନୀୟ ଅଂଚଳରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି । ଏହି ଚୋରି ଘଟଣା ପରେ ସିମୁଳିଆ ବଜାରର ବ୍ୟବସାୟୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି ।

# ବିଜେଡି କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ ପାଳିତ

ନୀଳଗିରି(ନି.ପ୍ର.): ନୀଳଗିରି ବାଇପାସ ଛକ ଠାରେ ଥିବା ସ୍ୱର୍ଗତ ବିଜୁ ପଟନାୟକ ଙ୍କ ପ୍ରତି ମୂର୍ତି ରେ ଶତାଧିକ ବିଜୁ ପ୍ରେମୀ ଙ୍କ ଉପସ୍ଥିତିରେ ପୁଷ୍ପ ମାଲ୍ୟାପଣ କରିଥିଲେ । ନୀଳଗିରି କାର୍ଯ୍ୟାଳୟ ପରିସରରେ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ ।ଉପସ୍ଥିତ ବିଜେଡି ନେତୃବୃନ୍ଦ ମାନେ ନିଜ ନିଜ ବକ୍ତବ୍ୟ ରେ ଓଡିଶାର ପୁନରଗଠନ ରେ ବିଜୁବାବୁଙ୍କ ଅବଦାନ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ନୀଳଗିରି ବ୍ଲକ ସଭାପତି ରାଜୀବ ଦାସ ବାବୁ, ନୀଳଗିରି ବିଜ୍ଞାପିତଅଂଚଳ ସଭାପତି ଅଚ୍ୟୁତ ପ୍ରଧାନ, ଔପଦା ବ୍ଲକ ସଭାପତି ଉଦୟ ନାରାୟଣ ସ ,ଏକାଦୁଷି ମହାଲ୍ଲିକ, ମହିଳାରାଜ୍ୟ ଉପସଭାପତି ସୁନତି ସିଂ, ପ୍ରଫୁଲ କୁମାର ପରିଡା, ରଶ୍ମିରଞ୍ଜନ ରାଉତ,ସରପଂଚ କୁଳମଣି ନାୟକ, ସରପଂଚ ସୁରଥ ସିଂ, ସମାଜ ସେବୀ ଉପେନ୍ଦ୍ର ଦାସ ଓ ଉପେନ୍ଦ୍ର ନାୟକ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ମାଳତୀ ମାଝୀ,ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ପୂର୍ବତନ ନୀଳଗିରି ବ୍ଲକ ସଭାପତି ଗଙ୍ଗାଧର ମିଶ୍ର, ଭଉଁରିଆବାଡ଼ ସରପଂଚ ସଞ୍ଜୟ ସିଂ, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, କ୍ଷେତ୍ରମୋହନ ସିଂ, ଅବସର ପ୍ରାପ୍ତ ଶିକ୍ଷକ ପୁର୍ଣ୍ଣଚନ୍ଦ୍ର ମହାନ୍ତି, ଖନ୍ତାପଡ଼ା ସମିତି ସଭ୍ୟ ରମାକାନ୍ତ ବାରିକ,ପାଗୁଲୁ ପଣ୍ଡା,ସମତେ ବହୁ ନେତା ଉପ ସ୍ଥିତ ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ନଟୁସରକାର, ଗଙ୍ଗାଧର ସିଂ, ସୁନୀଲପ୍ରଧାନ, ମାନସ ପରିଡା, ତପନ ଦାସ,ବାବୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବଡ ମେଡିକାଲକୁ ମୃତ୍ୟୁପରେ ମହୀୟସୀ ମହିଳା ଇପାରୀ ରାଜେଶ୍ୱରୀଙ୍କ ଶରୀର ଦାନ

ବ୍ରହ୍ମପୁର(ନି.ପ୍ର.) : ଗତକାଲି ସନ୍ଧ୍ୟା ସମୟରେ ବ୍ରହ୍ମପୁର ସହରର ମୀନାଖି ନଗର ୩ୟ ଲାଇନ ନିବାସୀ ଇପରୀ ଲକ୍ଷ୍ମୀକାନ୍ତଙ୍କ ମା ଇପରୀ ରାଜେଶ୍ୱରୀ ୭୧ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । ପୁଅ ଲକ୍ଷ୍ମୀ କାନ୍ତ ମା'ଙ୍କ ମର ଶରୀରକୁ ଦାହ ନକରି ଭଲକାମରେ ଲାଗିବାପାଇଁ ଅର୍ଥାତ ଡାକ୍ତରୀ ଛାତ୍ର/ଛାତ୍ରୀ ମାନଙ୍କ ପାଠ ପଢ଼ାରେ ଓ ବିଭିନ୍ନ ଗବେଷଣାରେ ନିୟୋଜିତ କରିବା ଉଦ୍ଦେଶ୍ୟରେ ମେଡିକାଲକୁ ଦାନ କରିବାପାଇଁ ସ୍ୱେଚ୍ଛାକୃତଭାବେ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବକୁ ଜଣାଇ ଥିଲେ । ଉଲ୍ଲେଖ ଯୋଗ୍ୟ ଯେ ଲକ୍ଷ୍ମୀକାନ୍ତ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ପୂର୍ବତନ ସଭାପତି ଓ ସେ ୧୦୮ ଥର ରକ୍ତଦାନ କରି ସୁନାମ ଅର୍ଜନ କରିଛନ୍ତି ଓ ଜନହିତକର କାର୍ଯ୍ୟକ୍ରମ କରିବା ପାଇଁ ସେ ପ୍ରେରଣାର ଉତ୍ସ । ନିଜ ଘରଠାରୁ ଶହ ଶହ ବନ୍ଧୁ ବାନ୍ଧବ ବାଇକ ରାଲ୍ଲୀରେ ପହଂଚି ରାଜେସ୍ୱରୀଙ୍କ ମର ଶରୀରକୁ ଗକଉଏ ମେଡିକାଲ କଲେଜର ଆନାଟାମି ବିଭାଗର ମୂଖ୍ୟ ପ୍ରଫେସର ଜେ.ସାଗର ପୃଷ୍ଟି ଓ ଡ଼ା.ରଶ୍ମିରଣୀ ପ୍ରଧାନଙ୍କୁ ରାତି ୧୦ ଘ[। ସମୟରେ ହସ୍ତାନ୍ତର କରାଯାଇଥିଲା ।ହସ୍ତାନ୍ତର ସମୟରେ ପୁତ୍ର ଲକ୍ଷ୍ମୀ କାନ୍ତ, ବୋହୂ ଇ.ଲକ୍ଷ୍ମୀ, ନାତୁଣୀ ସୁଧୀଖ୍ୟା,, ଝିଅ ଇ.ସଂଗୀତା, ଜ୍ୱାଇଁ ନରେଶ ପ୍ରସାଦ ପାତ୍ର, ନାତି ଅୟୁସମାନ ପାତ୍ର, ଭାଇ ଡାକ୍ତର ଭି.ଚକ୍ରଧର ରାଜୁ , ଭି.ସତ୍ୟନାରାୟଣ ରାଜୁ ,ଇ.କିରଣ କୁମାର, ଟି.କ୍ରୀଷ୍ଣା, ନୀଳ ମାଧବ, ଏସବନ୍ତ ରାଓ, ସିଂହରାଜ ପାତ୍ର, ସେଲିଂ ଖାଁ,ଅଚ୍ୟୁତ ବସାଢ଼ି ,ଶ୍ରବଣ କୁମାର ସାହୁ, କ୍ରୀଷ୍ଣା ପାତ୍ର , କେଟେରେର ସଂଘର ସଭାପତି ଭି.ହରି ପ୍ରସାଦ, ଉପସଭାପତି ଲକ୍ଷ୍ମୀକାନ୍ତ ସମ୍ପାଦକ ଚିତ୍ର ମୋହନ ପାଣିଗ୍ରାହୀ ଓ ବନ୍ଧୁ ବାନ୍ଧବ ଇପସ୍ଥିତ ଥିଲେ । ଗକଉଏ କୁ ଏହା ୩୪ ତମ ଶରୀର ଦାନ ବୋଲି ରାଜେଶ୍ୱରୀଙ୍କ ନିକଟ ସମ୍ପର୍କୀୟ ପ୍ରଫେସର ସାଗର



ପୃଷ୍ଟି ଜଣାଇଥିଲେ । ପ୍ରତି ୧୦ ଜଣ ଡାକ୍ତରୀ ଛାତ୍ର/ଛାତ୍ରୀଙ୍କ ପାଇଁ ପ୍ରତିବର୍ଷ ଗୋଟିଏ ମୃତ ଶରୀର ଦରକାର ହେଉଥିବା ଜଣାଇଥିଲେ । ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ଓ ମାନବ ବାଦୀ ହେତୁବାଦୀ ସଂଗଠନ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ଏହିକାର୍ଯ୍ୟକୁ ସୁଗମ କରିଥିବା ଜଣାଇଥିଲେ ଓ ବହୁ ସଂଖ୍ୟାରେ ଶରୀର ଦାନପରି ମହନୀୟ କାର୍ଯ୍ୟପାଇଁ ସର୍ବସାଧାରଣଙ୍କୁ ନିବେଦନ କରିଥିଲେ । ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ଶରୀର ଦାନ ପ୍ରଜେକ୍ଟର ଅଧ୍ୟକ୍ଷ ତଥା ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ.ନନ୍ଦେଶ୍ୱ ସେନାପତି, ସଭାପତି ସତ୍ୟକାମ୍ ପାତ୍ର, ପୂର୍ବତନ ସଭାପତି ଜମ୍ମୁଲା ସୁରେଶ, ଇ.ଟି.ରାଓ, କେ.ପୁରୁଷୋତମ କୁମାର ସୁବୁଦ୍ଧି, ଭି.ଭେଙ୍କଟ ରନ୍ନମ ରାଜୁ, ଇଂଜିନିଅର ପ୍ରଶାନ୍ତ କୁମାର ପାତ୍ର, ଏମ୍. ବିଦ୍ୟାଶଗର ସମ୍ପାଦକ ପ୍ରବୀଣ କୁମାର , ଇପରୀ ଶିବପ୍ରସଦ , ଇ.ସ୍ୱର୍ଣ୍ଣାଲତା ଓ ମାନବବାଦୀ, ହେତୁବାଦୀ ସଂଗଠନର ସଭାପତି ଇ.ଟି.ରାଓ , ଡି.ମୋହନ ରାଓ, ଭାଲଚନ୍ଦ୍ର ଷଡଙ୍ଗୀ , ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲାରେ ତିନି ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଝାରସୁଗୁଡ଼ା(ନି.ପ୍ର.) : ଆନ୍ତର୍ଜାତୀୟ ମହିଳା ଦିବସକୁ ପାଳନ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ସୂଚନା ଦେଇଛନ୍ତି ଯେ, ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆସନ୍ତା ମାର୍ଚ୍ଚ ୬, ୭ ଏବଂ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମହିଳାମାନଙ୍କ ପାଇଁ ଏକ ତିନି ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।ଏହି ତିନି ଦିନିଆ କାର୍ଯ୍ୟକ୍ରମ ପାଇଁ ପ୍ରତିଦିନ ଭିନ୍ନ ଭିନ୍ନ ଆଧାର (ଝ୍ଷରଙ୍କର) ରଖାଯାଇଛି । ପ୍ରଥମ ଦିନ ଅର୍ଥାତ୍ ମାର୍ଚ୍ଚ ୬ ତାରିଖର ଥିମ୍ ରହିଛି 'ଶକ୍ତି ସ୍ୱରୂପିଣୀ' (ଐରକ୍ୱ ଇକ୍ଟ୍ୟଚ ଐରକ୍ୱ ଚକ୍ଟଙ୍ଗରକ୍ୱ) । ଏହି ଅବସରରେ ମହିଳାମାନଙ୍କ ପାଇଁ 'ଜୁମ୍ବା' (ତଙ୍କଙ୍କଭବ) ସେସନ୍ ଏବଂ କିଶୋରୀ ତଥା ବାଳିକାମାନଙ୍କ ପାଇଁ କ୍ୟାରିୟର କାଉନସେଲିଂର ବ୍ୟବସ୍ଥା କରାଯାଇଛି । ଦ୍ୱିତୀୟ ଦିନ ବା ମାର୍ଚ୍ଚ ୭ ତାରିଖର ଥିମ୍ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ରଖାଯାଇଥିବା ବେଳେ ଏହି ଦିନ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ ଆତ୍ମରକ୍ଷା ପାଇଁ କରାଟେ ଟ୍ରେନିଂ ଆୟୋଜନ କରାଯିବ । କାର୍ଯ୍ୟକ୍ରମର ଅନ୍ତିମ ଦିନ ତଥା ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତୀୟ ମହିଳା ଦିବସର ଥିମ୍ ରହିଛି 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' (ଡଷରଭ ଝଷର ଗକ୍ଟଙ୍ଗରକ୍ୱ, ଓଭୟସବ ଗକ୍ଟଙ୍ଗରକ୍ୱ) । ଏହି ଦିନ କାଳୀ ମନ୍ଦିରରୁ ଝାରସୁଗୁଡ଼ା ଇଞ୍ଜିନୟରିଂ ସ୍କୁଲ ପର୍ଯ୍ୟନ୍ତ ଏକ ବିଶାଳ 'ୱାକାଥନ' ଅନୁଷ୍ଠିତ ହେବ । ଏହା ସହିତ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଛି । ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଛନ୍ତି ଯେ, 'ଶକ୍ତି ସ୍ୱରୂପିଣୀ' ଠାରୁ ଆରମ୍ଭ କରି 'ଶକ୍ତିର ଗତି' ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ମହିଳାମାନଙ୍କୁ ସମ୍ମାନିତ ଓ ସଚେତନ କରିବା ଆମର ମୁଖ୍ୟ ଲକ୍ଷ୍ୟ । ଜିଲ୍ଲାର ସମସ୍ତ ଝୈଏ ମହିଳା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ସମସ୍ତ ମା'ମାନଙ୍କୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ ଏହାକୁ ସଫଳ କରିବାକୁ ସେ ଅନୁରୋଧ କରିଛନ୍ତି ।



# ବ୍ଲକ୍ ସ୍ତରୀୟ ୧୪ ପର୍ଯ୍ୟାୟ ଭୀମ ଭୋଇ ସାମର୍ଥ ଶିବିର ଅନୁଷ୍ଠିତ

ନୀଳଗିରି,(ନି.ପ୍ର.) ନୀଳଗିରି ପଂଚାୟତ ସମିତି ପରିସରରେ ବ୍ଲକ୍ ସ୍ତରୀୟ ୧୪ପର୍ଯ୍ୟାୟ ଭୀମ ଭୋଇ ସମାର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ବାଲେଶ୍ୱର ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବା ବେଳେ ମାନ୍ୟବର ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ବ୍ଲକ୍ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଜ୍ୟୋତିମୟ ପୋଥାଳ ବି.ଡି.ଓ. ବିକ୍ରମ କେଶରୀ ପରିଡ଼ା ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଉପସ୍ଥିତ ଥିଲେ ।ନୀଳଗିରି ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତରୁ ବିଭିନ୍ନ ବର୍ଗରେ ଯଥା ମାନସିକ ଅନଗ୍ରସର ରେ ୫୮ଜଣ,ଭେଷଜ, ଅସ୍ଥି ଶଲ୍ୟ୨୭୮ଜଣ ଏବଂଚକ୍ଷୁ ରେ୪୯ଜଣ ମୋଟ ୩୮୫ ଜଣ ହିତାଧିକାରୀ ନିଜ ନିଜର ନାମ ପଞ୍ଜି କାରଣ କରିଥିଲେ ।ସେମାନଙ୍କୁ ଅଭିଜ୍ଞ ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା



ନିରୀକ୍ଷା କରାଯାଇଥିଲା ଏବଂ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର,ବିଭିନ୍ନ ସରକାରୀ ଯୋଜନା ମାଧମରେ ଆର୍ଥିକ ସହାୟତା ବ୍ୟାଙ୍କ୍ ଋଣ ସୁବିଧା,ଆୟ ପ୍ରମାଣ ପତ୍ର ସହିତ ଯାତାୟାତ ନିମନ୍ତେ ବସ୍ ,ରେଳ ପାସ ଯୋଗାଇ ଦିଆଯାଇଥିବା ସ୍ଥଳେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଜଣେ ଦିବ୍ୟ ।ଙ୍ଗ ଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ ।ଏହି ଶିବିରରେ ଉପଖଣ୍ଡ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଭିଜ୍ଞ ଚିକିତ୍ସା ବିଶେଷଜ୍ଞ ଗଣ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଗୋଷ୍ଠୀ ସାମାଜିକ ସଶକ୍ତି କରଣ ଅଧିକାରୀ ଶ୍ରୀମତୀ ସଲିମା ରାଉତ,କାର୍ଯ୍ୟକ୍ରମ ସହାୟିକା ଶ୍ରୀମତୀ ଭାରତୀ ପ୍ରଭା ଲେଙ୍କା ସମେତ ପଂଚାୟତ ସମିତିର ସମସ୍ତ କର୍ମକର୍ତାଙ୍କ ସହଯୋଗରେ ସୂଚାରୁ ରୂପେ ସଂପାଦନ ହୋଇଥିଲା ।

# କର୍ଣ୍ଣାଟକର ବେଲଗାଭୀରେ ପହଂଚିଲେ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ



ବେଲଗାମ : ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଗୁରୁବାର କର୍ଣ୍ଣାଟକର ବେଲଗାଭୀ ପହଂଚିଛନ୍ତି । ବେଲଗାଭୀ ବିମାନବନ୍ଦରରେ କର୍ଣ୍ଣାଟକର ରାଜ୍ୟପାଳ ଥାୱର ଚନ୍ଦ ଗହଲୋତ, ଲୋକନିର୍ମାଣ ମନ୍ତ୍ରୀ ସତୀଶ ଜାରକିହୋଲି ସହ ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ଜ୍ୟେଷ୍ଠ ଅଧିକାରୀମାନେ ତାଙ୍କୁ ହାର୍ଦ୍ଦିକ ସ୍ୱାଗତ କରିଥିଲେ । ଉପରାଷ୍ଟ୍ରପତି ବେଲଗାଭୀ ଜିଲ୍ଲାର ଯଦୁର ଅଂଚଳରେ ଅବସ୍ଥିତ ଶ୍ରୀ ବୀରଭଦ୍ରେଶ୍ୱର ମନ୍ଦିରରେ ଆୟୋଜିତ ରାଜଗୋପୁରା, କଳଶାରୋହଣ ଏବଂ ମହାକୁମ୍ଭାଭିଷେକମ୍ ମହୋତ୍ସବର ଉଦ୍ଘାଟନ ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ଏହି ଧାର୍ମିକ ଉତ୍ସବଟି ମନ୍ଦିରର ନୂତନ ରାଜଗୋପୁରା ନିର୍ମାଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତି ଅବସରରେ ଆୟୋଜିତ ହେଉଛି । ସୁରକ୍ଷା କାରଣରୁ ବେଲଗାଭୀ ସହର ଏବଂ ଯଦୁର ଆସପାସ ଅଂଚଳରେ କଠୋର ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଉପରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଯାତାୟାତ ବ୍ୟବସ୍ଥାରେ ମଧ୍ୟ ଅସ୍ଥାୟୀ ପରିବର୍ତ୍ତନ କରାଯାଇଛି ।

# ରାଜ୍ୟସଭା ଆସନ ପାଇଁ ନାମାଙ୍କନ ଶେଷ, ମାର୍ଚ୍ଚ ୧୬ରେ ଭୋଟ୍



ଭୁବନେଶ୍ୱର: ରାଜ୍ୟସଭା ଆସନ ପାଇଁ ଆଜି ନାମାଙ୍କନ ଦାଖଲର ଶେଷ ଦିନ । ରାଜ୍ୟସଭା ଆସନ ପାଇଁ ନାଁ ଘୋଷଣା ସରିଥିବାରୁ ଓ ଆଜି ଶେଷ ଦିନ ହୋଇଥିବାରୁ ନାମାଙ୍କନ ଦାଖଲ କରିବେ ପ୍ରାର୍ଥୀ । ଏନେଇ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ସ୍ୱଷ୍ଟ କରାଯାଇଛି । ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ଏଥର ୫ଜଣ ପ୍ରାର୍ଥୀ ନାମାଙ୍କନ ଭରିବେ । ରାଜ୍ୟସଭା ୪ ଆସନ ପାଇଁ ଉଭୟ ଶାସକ ଦଳ ଓ ବିରୋଧୀ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିଛନ୍ତି । ଚତୁର୍ଥ ଆସନ ପାଇଁ ବି ଦୁଇ ଜଣଙ୍କ ନାଁ ସ୍ୱଷ୍ଟ ହୋଇ ସାରିଛି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ସାଂସଦ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରିଛି ବିଜେପି । ବିଜେଡିର ନିଶ୍ଚିତ ବିଜୟ ଆସନରେ ସଂତୃପ୍ତ ମିଶ୍ର ଓ ଚତୁର୍ଥ ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି ଡାକ୍ତର ଦତେଶ୍ୱର ହୋତା । ଡାକ୍ତର ହୋତାଙ୍କୁ କଂଗ୍ରେସର ସମର୍ଥନ ମିଳିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ସମର୍ଥନ କରିଛି ବିଜେପି । ରାଜ୍ୟସଭା ଆସନ ପାଇଁ ନାଁ ଘୋଷଣା ସରିଛି, କିନ୍ତୁ ଫେବୃଆରୀ ୨୬ରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ବି ଏପର୍ଯ୍ୟନ୍ତ କେହି ନାମାଙ୍କନ ଦାଖଲ ନାହାନ୍ତି । ଆଜି ଅର୍ଥାତ୍ ମାର୍ଚ୍ଚ ୫ତାରିଖ ନାମାଙ୍କନର ଶେଷ ଦିନ ହୋଇଥିବାରୁ ସମସ୍ତେ ନାମାଙ୍କନ ଦାଖଲ କରିବେ । ଏନେଇ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ସ୍ୱଷ୍ଟ କରାଯାଇଛି । ମାର୍ଚ୍ଚ ୬ରେ ପ୍ରାର୍ଥୀପତ୍ରର ହେବ ଯାଂଚ । ମାର୍ଚ୍ଚ ୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ୧୬ମାର୍ଚ୍ଚରେ ରାଜ୍ୟସଭା ଆସନ ପାଇଁ ପଡ଼ିବ ଭୋଟ୍ ।



# ଆଜି ନ୍ୟାୟ ସଂହିତା ପ୍ରଦର୍ଶନୀର ଉଦ୍‌ଘାଟନ କରିବେ ଅମିତ ଶାହ

ଭୁବନେଶ୍ୱର : ନୂତନ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ନୂତନ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ୟୁନିଟ-୩ ସ୍ଥିତ ପ୍ରଦର୍ଶନୀ ପଡିଆ, ଭୁବନେଶ୍ୱରଠାରେ "ନ୍ୟାୟ ସଂହିତା ପ୍ରଦର୍ଶନୀ" ଆୟୋଜନ କରାଯାଉଛି । ଆସନ୍ତା କାଲି (ଶୁକ୍ରବାର) କେନ୍ଦ୍ର ସ୍ୱରାଷ୍ଟ୍ର ଓ ସହକାରିତା ମନ୍ତ୍ରୀ ଶ୍ରୀ ଅମିତ ଶାହ ଏହି ପ୍ରଦର୍ଶନୀକୁ ଉଦଘାଟନ କରିବେ । ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ । ଏହି ପ୍ରଦର୍ଶନୀ ଜନସାଧାରଣଙ୍କ ନିମନ୍ତେ ୭ ମାର୍ଚ୍ଚ ଠାରୁ ୧୦ ମାର୍ଚ୍ଚ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ପୋଲିସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି କହିଥିଲେ ଯେ , ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍ ), ଭାରତୀୟ ନାଗରିକ ସୁରକ୍ଷା



ସଂହିତା (ବିଏନଏସଏସ୍) ଓ ଭାରତୀୟ ସାକ୍ଷ୍ୟ ଅଧିଆନିୟମ (ବିଏସଏ)କୁ ସଂଶୋଧନ କରାଯାଇଛି । ଏହି ନୂତନ ଆଇନଗୁଡ଼ିକ ୧ ଜୁଲାଇ ୨୦୨୪ ରୁ କାର୍ଯ୍ୟକାରୀ ହୋଇଛି । ଯାହା ଫଳରେ ଔପନିବେଶିକ ଯୁଗରେ ପ୍ରଚଳିତ ଥିବା "ଦଣ୍ଡ" ବ୍ୟବସ୍ଥା ଏବେ "ନ୍ୟାୟ" ବ୍ୟବସ୍ଥାକୁ ପରିବର୍ତ୍ତନ ହୋଇଛି ବୋଲି ଡିଜିପି କହିଥିଲେ । ପୀଡ଼ିତଙ୍କ ଅଧିକାର ଓ ସମ୍ମାନକୁ ପ୍ରାଥମିକତା ଦିଆଯାଇ ସମୟ ସୀମା ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ହେଉଛି ନୂତନ ଆଇନର ମୂଳ ଲକ୍ଷ୍ୟ ।"ବିଳମ୍ବିତ ନ୍ୟାୟ ମାନେ ନ୍ୟାୟର ଅସ୍ୱୀକାର" — ଏହି ସିଦ୍ଧାନ୍ତକୁ ନୂତନ ଆଇନରେ ସ୍ୱଷ୍ଟ ଭାବେ ଉଲ୍ଲେଖ କରାଯାଇଛି ବୋଲି ଡିଜିପି କହିଥିଲେ । ଏହା ବ୍ୟତୀତ ଇ - ସାକ୍ଷ୍ୟ ମାଧ୍ୟମରେ ଡିଜିଟାଲ୍ ପ୍ରମାଣ ପରିଚାଳନା, ଏନଏଏଆଆଇଏସ୍ ଦ୍ୱାରା ବାୟୋମେଟ୍ରିକ ପରିଚୟ, ମୋବାଇଲ୍ ଫରେନସିକ ୟୁନିଟ୍ , ପ୍ରଯୁକ୍ତି ବିଦ୍ୟା ସହାୟତାରେ ତଦନ୍ତ ପ୍ରକ୍ରିୟା ଆଦି ସଂକ୍ରାନ୍ତରେ ବିଶଦ ଭାବେ ପ୍ରଦର୍ଶନୀରେ ଉପସ୍ଥାପନ କରାଯିବ । ଏହା ବ୍ୟତୀତ ପ୍ରଦର୍ଶନୀରେ "ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍ ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇପାରିବେ ବୋଲି ଡିଜିପି ଆଶା ବ୍ୟକ୍ତ କରିଥିଲେ । ନୂତନ ଆଇନରେ ପ୍ରଯୁକ୍ତି ବିଦ୍ୟା ଓ ବୈଜ୍ଞାନିକ ତଦନ୍ତକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେହି ଅନୁଯାୟୀ, ଗୁରୁତର ଅପରାଧରେ ଫରେନସିକ ତଦନ୍ତ, ଡିଜିଟାଲ୍ ପ୍ରମାଣର ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟାକୁ ଜୋର ଦିଆଯାଇଛି । ଏହା ସହ ନୂତନ ଆଇନ କାର୍ଯ୍ୟକାରୀ ପାଇଁ ସ୍ୱତନ୍ତ୍ର ଯୋଜନା, ପୋଲିସ ଆଧୁନିକୀକରଣ ଓ ସଶକ୍ତିକରଣ, ମହିଳା ବିରୋଧୀ ଅପରାଧ ଉପରେ ରୋକ ଲଗାଇବା, ମାଓ ଦମନରେଏସଓଜି ର ଭୂମିକା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ର ଅବଦାନ ଆଦି ସମ୍ପର୍କରେ ମଧ୍ୟ ପ୍ରଦର୍ଶିତକରାଯିବ । "ନ୍ୟାୟ ସଂହିତା ପ୍ରଦର୍ଶନୀ ଭାରତର ଅପରାଧ ନ୍ୟାୟ ବ୍ୟବସ୍ଥାର ଐତିହାସିକ ପରିବର୍ତ୍ତନ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ପୋଲିସର ପ୍ରତିବଦ୍ଧତାର ଏକ ପ୍ରତିଫଳନ । ବୈଜ୍ଞାନିକ ତଦନ୍ତ, ଆଧୁନିକ ପ୍ରଯୁକ୍ତି ଓ ନାଗରିକ ଅଂଶଗ୍ରହଣ ମାଧ୍ୟମରେ ସଠିକ ସମୟ ମଧ୍ୟରେ ପୀଡ଼ିତଙ୍କୁ ନ୍ୟାୟ ସୁନିଶ୍ଚିତ କରିବାକୁ ଓଡ଼ିଶା ପୋଲିସ ସଂକଳ୍ପବଦ୍ଧ ବୋଲି ଡିଜିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଡିଜିପି(କ୍ରାଇମବ୍ରାଂଚ) ଶ୍ରୀ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ରେଳବାଇ ଓ ଉପକୂଳ ସୁରକ୍ଷା) ଶ୍ରୀ ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତ-ଇଂଲଣ୍ଡ ଟି-୨୦ ବିଶ୍ୱକପ୍

## ଇଂଲଣ୍ଡକୁ ପରାସ୍ତ କରି ଫାଇନାଲ୍‌ରେ ଭାରତ



ମୁମ୍ବାଇ: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ପୁରୁଷ ଟି୨୦ ବିଶ୍ୱକପ୍-୨୦୨୬ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ଏବଂ ଇଂଲଣ୍ଡ ମୁହାଁମୁହିଁ ହୋଇଛନ୍ତି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଟସ୍ ଜିଣି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ଅତିଥି ଦଳ ଭାରତୀୟ ଟିମ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୨୫୩ ରନ୍ ସଂଗ୍ରହ କରିଛି । ଫଳରେ ଇଂଲଣ୍ଡକୁ ଫାଇନାଲ ମ୍ୟାଚ୍ ଖେଳିବାକୁ ହେଲେ ୨୫୪ ରନ୍ ଦରକାର ପଡୁଛି । ଭାରତ ଆରମ୍ଭରୁ ବିପର୍ଯ୍ୟର ଶିକାର ହୋଇଥିଲଶ । ଅଭିଷେକ ଶର୍ମା ମାତ୍ର ୯ ରନ୍ ସଂଗ୍ରହ କରି ଆଉଟ୍ ହୋଇ ପାଭିଲିଅନକୁ ଫେରି ଯାଇଥିଲେ କିନ୍ତୁ ଦ୍ୱିତୀୟ ୱିକେଟ୍‌ରେ ସଂଜୁ ସାମସନ ଏବଂ ଈଶାନ କିଶନ ବିସ୍ଫୋରକ ବ୍ୟାଟିଂ କରିଥିଲେ । ଉଭୟ ଖେଳାଳି ଦ୍ୱିତୀୟ ୱିକେଟ୍ ପାଇଁ ୯୭ ରନ୍ ଭାଗିଦାରୀ କରିଥିଲେ । ସେହିପରି ଶିଭମ ଦୁବେଙ୍କ ସହିତ ସଂଜୁ ତୃତୀୟ ୱିକେଟ୍‌ରେ ୪୩ ରନ୍‌ର ଭାଗିଦାରୀ କରିଥିଲେ । ଆଉଟ୍ ହେବା ପୂର୍ବରୁ ସାମସନ୍ ୮୯ ରନ୍ ସଂଗ୍ରହ କରିଥିଲେ । ସେ ୪୨ଟି ବଲ୍ ଖେଳି ୮ଟି ଚୌକା ଏବଂ ୭ଟି ଛକା ମାରିଥିଲେ । ଈଶାନ କିଶନ ୧୮ଟି ବଲ୍ ଖେଳି ୪ଟି ଚୌକା ଏବଂ ୨ଟି ଛକା ବଳରେ ୩୯ ରନ୍ ସଂଗ୍ରହ କରିଥିଲା ବେଳେ ଶିଭମ ଦୁବେଙ୍କ ବ୍ୟାଟ୍‌ରୁ ୪୩ ରନ୍ ମିଳିଥିଲା । ସେ ୨୫ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୪ଟି ଛକା ମାରିଥିଲେ ।

# ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ୬୧ତମ କ୍ରୀଡ଼ାଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର : ଦୃଢ଼ ଇଚ୍ଛାଶକ୍ତି ଆଉ ସଂକଳ୍ପଭରା ଆଭିମୁଖ୍ୟ ଆମକୁ ଆମର ଲକ୍ଷ୍ୟପଥରେ ପହଂଚାଇପାରେ ବୋଲି ଭାରତୀୟ ଦୃଷ୍ଟିବାଧିତ କ୍ରିକେଟର ମହମ୍ମଦ ଜାଫର୍ ଇକ୍ବାଲ ମତବ୍ୟକ୍ତ କରିଛନ୍ତି । ଭାରତକୁ ଚାରିଥର ବିଶ୍ୱଚମ୍ପିୟାନ୍ କରିବା ସହ ଓଡ଼ିଶା କ୍ରିକେଟ୍‌କୁ କ୍ରମାଗତ ଭାବେ ସଫଳତା ଦେଇଥିବା ଜାଫର୍ ଇକ୍ବାଲ, ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ମୁଖ୍ୟ ଖେଳପଡ଼ିଆରେ ଉଦ୍‌ଯାପିତ ପ୍ରତିଷ୍ଠାନର ଦୁଇଦିନିଆ ୬୧ତମ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ଦୃଷ୍ଟିଶକ୍ତି ହରାଇବା ତାଙ୍କ ପାଇଁ ଅଭିଶାପ ନୁହେଁ ଆଶୀର୍ବାଦ । ବିଦେଶରେ ବହୁ ଦେଶକୁ ହରାଇ ଦୃଷ୍ଟିବାଧିତ କ୍ରିକେଟ୍ ପାଇଁ ଭାରତକୁ ଗୌରବ ଆଣିବାରେ ସେ ଗର୍ବଅନୁଭବ କରନ୍ତି । ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଉଦ୍‌ଯାପନୀ ସମାରୋହରେ ସ୍ୱାଗତସମ୍ଭାଷଣ ପ୍ରଦାନ କରି କ୍ରୀଡ଼ା



ଆମକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥରଖେ ବୋଲି ମତ ଦେଇ ଏବେ କ୍ରୀଡ଼ାକୁ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି କହିଥିଲେ । ଉଦ୍‌ଯାପନୀ ସମାରୋହରେ ପ୍ରତିଷ୍ଠାନର 'ପୃଥ୍ୱୀ ହାଉସ୍ ?'କୁ ଦଳଗତ ଶ୍ରେଷ୍ଠ ପ୍ରଦର୍ଶନ, ଅଲିଭା କୁଜୁର ବାଳିକା ଚମ୍ପିୟାନ୍ ଓ କେ. ଓଭିନ୍ ସିଂଙ୍କୁ ବାଳକ ଚମ୍ପିୟାନ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଛାତ୍ରପରିଷଦ ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରା, କ୍ରୀଡ଼ା ପରିଷଦ ଆବାହକ ପ୍ରଫେସର ରମାକାନ୍ତ ମହାଳିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ବୃନ୍ଦାବନ ଭୋଇ ଓ ମାନସରଞ୍ଜନ ପଣ୍ଡା ସହଯୋଗ କରିଥିଲେ । ଉଦ୍‌ଯାପନୀ ସମାରେହର ଶେଷରେ ଛାତ୍ରପରିଷଦର ଯୁଗ୍ମ ଉପଦେଷ୍ଟା ଲେଫ୍ଟନାଂଟ ପ୍ରଫେସର ରଶ୍ମିରେଖା ସେଠୀ ଧନ୍ୟବାଦାର୍ପଣ କରିଥିଲେ । ଡିଇଏସ୍ଏସ୍ଏଚ୍ର ଅଧକ୍ଷ, ଯୁଗ୍ମ ଉପଦେଷ୍ଟା ଡ. କଳିଙ୍ଗ କେତକୀଉପସ୍ଥିତ ଥିଲେ ଓ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ଏହି ଦୁଇଦିନିଆ କ୍ରୀଡ଼ା ଉତ୍ସବର ପରିଚାଳନାରେ, ପ୍ରଫେସର ରୀତାଞ୍ଜଳି ଦାଶ, ଡ. ଅରୂପ କୁମାର ଶାହା,ଶ୍ରୀଫୁଲ ଚାନ୍ଦ ମୀନା,ପ୍ରଶାସନିକ ଅଧିକାରୀସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘର ସଭାପତି ଡ. ହାଡିବନ୍ଧୁପଟ୍ଟନାୟକ, ସମ୍ପାଦକ ଶ୍ରୀ ରମେଶ ଚନ୍ଦ୍ର ପାତାଳସିଂହ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଛାତ୍ର ପରିଷଦର ଛାତ୍ରଛାତ୍ରୀ ପ୍ରତିନିଧି ଏହି କ୍ରୀଡ଼ା ଉତ୍ସବରେ ସହାୟତା କରିଥିଲେ । ଉଦ୍ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ଡ. ଦେବାଶିଷ ମହାପାତ୍ର, ଡ. ସରିତା ଏମ୍. ଓ ଡ. ସର୍ବେଶ କୁମାର ମୌର୍ଯ୍ୟ ।

# ଐତିହାସିକ ପତିରାଜପୁର ଦୋଳମେଳା ଧୁମ୍‌ଧାମ୍‌ରେ ପାଳିତ

ଖଇରା (ନି.ପ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ପତିରାଜପୁର ଠାରେ ୩ଶହ ବର୍ଷ ଧରି ପାଳିତ ହୋଇ ଆସୁଥିବା ଐତିହାସିକ ଦୋଳ ମେଳନ ମଙ୍ଗଳବାର ରାତିରୁ ଧୂମଧାମ୍‌ରେ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନ ପୂର୍ଣ୍ଣମୀ ରାତିରେ ଲକ୍ଷାଧିକ ଶ୍ରଦ୍ଧାଳୁ ଚାରାରୁଢ଼ ରାଧାକୃଷ୍ଣ ଦୋଳବିମାନରେ ରାଧାକୃଷ୍ଣଙ୍କୁ ମନଭରି ଦର୍ଶନ କରିବା ସହ ପାରମ୍ପରିକ ନାଚଗୀତ ଓ ବାଦ୍ୟଯନ୍ତ୍ରର ତାଳେ ତାଳେ ମସଗୁଲ ହୋଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବପଟ ଦ୍ୱାର ଦେଇ ସାରଡାଙ୍ଗ, ଭୋଗୁପୁର, ପତିରାଜପୁର, ଦାମୋଦରପୁର, ଗଗନଧୁଳୀ ଓ ଅଲିପୁର ଏବଂ ପଶ୍ଚିମ ଦ୍ୱାର ଦେଇ ଖାନପୁର, ଅମରିଆ, ପାଣିଛତ୍ର, ରଇଁତିରା, ଗେଙ୍ଗୁଟିଆ, ସଇଁ ଓ ବାଘୁଆ ଆଦି ଗ୍ରାମରୁ ସୁସଜ୍ଜିତ ଦୋଳବିମାନ ଶଙ୍ଖହୁଳହୁଳି ଖୋଳ କରତାଳର ତାଳେ ତାଳେ ମେଳାମଣ୍ଡପକୁ ବିଜେ କରିଥିଲେ ।



ସେହିଭଳି ଉତରଦ୍ୱାର ଦେଇ ଖଣ୍ଡପଡ଼ା, ସାରୁଗାଁ, ବିଦ୍ୟାଧରପୁର ଶାସନ, ମର୍ଲିହା, ଗୋର୍ଲିହା, କଂଟାପଡ଼ାଶାସନ, ବଣପାରିଆ, ନଛିପୁର, ଚାରିଘରିଆ ଅଂଚଳରୁ ଏବଂ ଦକ୍ଷିଣଦ୍ୱାର ଦେଇ ଡୁଙ୍ଗୁରା, ବାଣପୁର, ବାରାପୁର ଗ୍ରାମରୁ ସୁସଜ୍ଜିତ ବିମାନ ମଣ୍ଡପରେ ପ୍ରବେଶ କରି ଚାରରେ ବିରାଜମାନ ହୋଇଥିଲେ । ଚଳିତ ବର୍ଷ ମୋଟ ୭୨ ବିମାନ ଯୋଗ ଦେଇଥିଲେ । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇ ମେଳା କମିଟି ତରଫରୁ ଖଇରା ପୋଲିସକୁ ଡିଜେ ନିୟନ୍ତ୍ରଣ ଦାୟିତ୍ୱ ପ୍ରଦାନ କରାଯାଇଥିଲେ ହେଁ ପୂର୍ବପଟ ରାସ୍ତାରେ ଆସୁଥିବା କିଛି ମେଢ଼ ଶୋଭାଯାତ୍ରାରେ ଡିଜେ ବ୍ୟବହାରକୁ ପୋଲିସ ନିୟନ୍ତ୍ରଣ କରିବାରେ ବିଫଳ ହେବାକୁ ନେଇ ପୋଲିସ ପାରିବାପଣିଆକୁ ସମାଲୋଚନା କରାଯାଇଛି । ପ୍ରତିଭା ପରିବାର,ସାଇ ସଙ୍ଗଠନ, ଚଣ୍ଡିମାତା ସେବା ସଂସ୍ଥା ସମେତ ଅନ୍ୟାନ୍ୟ ବହୁ ସାମାଜିକ ସଙ୍ଗଠନ ମେଳା ମଣ୍ଡପ ଚତୁପାର୍ଶ୍ୱରେ ସଫେଇ କରିଥିବା ବେଳେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଟିମ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇଥିଲା । ଚଳିତ ବର୍ଷ ମେଳା ୨୦ଦିନ ଧରି ଚାଲିବାକୁ ଥିବା ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ କମିଟି ସଭାପତି ପୀତାମ୍ବର ପଟ୍ଟନାୟକ,ସମ୍ପାଦକ ଭରତ ଚନ୍ଦ୍ର ରାଉତଙ୍କ ପକ୍ଷରୁ ନିବେଦନ କରାଯାଇଛି । ପଳସା - ଡୁଙ୍ଗୁରା ରାସ୍ତା ର ଶୋଚନୀୟ ଅବସ୍ଥା ଯୋଗୁଁ ଶଦ୍ଧାଳୁ ଯାତୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

# ଏନକାଉଂଟରରେ ମାଓବାଦୀ ମୃତ, ବନ୍ଧୁକ ଓ ବିସ୍ଫୋରକ ଜବତ

ମାଲକାନଗିରି : ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଏବଂ



ଦନ୍ତେୱାଡା ଜଲ୍ଲା ମଧ୍ୟ ପାହାଡରେ ନକ୍ସଲ ଏବଂ ପୁଲିସ ମଧ୍ୟରେ ଆଜି ସକାଳେ ଗୁଳିବିନିମୟ ଘଟିଛି । ଏହି ଗୁଳିବିନିମୟରେ ଜଣେ ନକ୍ସଲ ମୃତ୍ୟୁବରଣ କରିଛି । ଏଥିସହ ବନ୍ଧୁକ ଓ ବିସ୍ଫୋରକ ଜବତ କରାଯାଇଛି । ଘଟଣା ଅନୁଯାୟୀ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ ଗିଦମ ଅଂଚଳର ଗୁମଲନାର, ଗିରସାପାଲା ଏବଂ ନେଲଗୋଡା ଗ୍ରାମ୍ୟ ଜଂଗଲରେ ନକ୍ସଲ ବିପୁଳ ପରିମାଣର ମାଓ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଛନ୍ତି । ଯବାନ ଏହି ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଅଚାନକ ନକ୍ସଲ ଯବାନଙ୍କ ଉପରେ ଅତର୍କିତ ଗୁଳି ବର୍ଷଣ କରିଥିଲେ । ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ । ଦୀର୍ଘ ସମୟ ଧରି ଗୁଳିବିନିମୟ ହେବା ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ । ତେବେ ଏହା ପୂର୍ବରୁ ନକ୍ସଲଙ୍କୁ ଆତ୍ମସମର୍ପଣ ପାଇଁ ଯବାନ ବାରମ୍ବାର ଡାକରା ଦେଇଥିଲେ । କିନ୍ତୁ ନକ୍ସଲ ଏହାକୁ କର୍ଣ୍ଣପାତ ନକରି ଯବାନଙ୍କ ଉପରେ ଗୁଳି ଚଳାଇଥିଲେ । ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଣେ ମାଓବାଦୀର ମୃତ ଦେହକୁ ଉଦ୍ଧାର କରାଯିବା ସହ ଗୋଟିଏ ଏସଏଲଆର, ଗୋଟିଏ ଇନସାସ ବନ୍ଧୁକ ସହ ପିସ୍ତଲ ମେଗାଜିନ୍,କିଟକି,ଏସଏଲଆର ମେଗାଜିନ,ଇନସାସ ମେଗାଜିନ, ଜୀବନ୍ତ ଗୁଳି ସହ ବିସ୍ଫୋରକ ଜବତ କରାଯାଇଥିଲା । ତେବେ ମୃତ ନକ୍ସଲକୁ ଚିହ୍ନଟ କରାଯାଇଛି । ମୃତ ନକ୍ସଲ ଜଣକ ହେଲେ ଏସିଏମ ରାଜେଶ ପୁନେମ । ରାଜେଶ ନାମରେ ୫ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରାଯାଇଥିଲା । ସରକାରଙ୍କ ଟାର୍ଗେଟକୁ ଆଉ ମାତ୍ର ହାତଗଣତି ୨୫ ଦିନ ରହିଲା । ନକ୍ସଲ ଏହି ସମୟ ମଧ୍ୟରେ ଆତ୍ମସମର୍ପଣ ନକଲେ ସରକାର କଡା ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ୨ଟି ପର୍ଯ୍ୟାୟରେ ରିଲିଜ ହେବ ଆଇପିଏଲର କାର୍ଯ୍ୟସୂଚୀ



ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୬ର କାର୍ଯ୍ୟସୂଚୀ ୨ଟି ପର୍ଯ୍ୟାୟରେ ରିଲିଜ ହେବ । ଆଇପିଏଲ ଗଭର୍ଣ୍ଣିଂ କାଉନ୍ସିଲ ଏହା ନିଷ୍ପତି ନେଇଛି । ପ୍ରଥମ ପାର୍ଟ ୬ରୁ ୭ ମାର୍ଚ୍ଚ ମଧ୍ୟରେ ଘୋଷଣା କରାଯିବ । ଦ୍ୱିତୀୟ ପାର୍ଟ କେବେ ଘୋଷଣା ହେବ ତାହା ସ୍ୱଷ୍ଟ କରାଯାଇ ନାହିଁ । ପଶ୍ଚିମବଙ୍ଗ, ତାମିଲନାଡୁ ଓ ଆଦାରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହି ନିଷ୍ପତି ନିଆଯାଇଛି । ବେଙ୍ଗାଲୁରର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଓପନିଂ ଓ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କର୍ଣ୍ଣାଟକ କ୍ରିକେଟ ଆସୋସିଏଶନର ସମ୍ପାଦକ ସନ୍ତୋଷ ମେନନ ସୂଚନା ଦେଇଛନ୍ତି । ଆରସିବି ଏଥର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୫ଟି ମ୍ୟାଚ ଖେଳିବ । ଆଇପିଏଲରେ ପରାମ୍ପରା ରହିଛି ଯେ, ଚାମ୍ପିୟନ ଟିମର ହୋମଗ୍ରାଉଣ୍ଡରେ ଓପନିଂ ମ୍ୟାଚ, କ୍ୱାଲିଫାୟର ୨ ଓ ଫାଇନାଲ ମ୍ୟାଚ ଖେଳାଯିବ । ମାର୍ଚ୍ଚ ୨୮ କିମ୍ବା ୨୯ରେ ଆଇପିଏଲ ଆରମ୍ଭ ହେବ । ସିଏସକେ,କେକେଆର ଓ ରାଜସ୍ଥାନ ଟିମ ଘରୋଇ ପିଚରେ ଏଥର କମ ମ୍ୟାଚ ଖେଳିବେ । ମେ ୩୧ରେ ଫାଇନାଲ ମ୍ୟାଚ ଖେଳାଯିବ । ଗତ ସଂସ୍କରଣରେ ଆରସିବି ଦୀର୍ଘ ଦିନ ପରେ ଚାମ୍ପିୟନ ହୋଇଥିଲା । ପ୍ରଶଂସକମାନେ ବିଜୟ ଉତ୍ସବ ମନାଉଥିବା ବେଳେ ଅତ୍ୟଧିକ ଭୀଡ ଯୋଗୁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା । ୧୧ଜଣ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଥିଲେ । ଏହା ପରେ ଚିନ୍ନାସ୍ୱାମୀରେ ମ୍ୟାଚ ଖେଳାଯିବା ଉପରେ କଟକଣା ଲଗା ଯାଇଥିଲା । ଏବେ ବିସିସିଆଇ ଏହି ପ୍ରତିବନ୍ଧ ହଟେଇ ଦେଇଛି ।

# ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରସିବି ଖେଳିବ ୫ ମ୍ୟାଚ୍

ବେଙ୍ଗାଲୁର: ଆଇପିଏଲ ୨୦୨୬ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ପ୍ରଶଂସକଙ୍କ ଏକ ବଡ ଖୁସୀ ଖବର ମିଳିଛି । ବେଙ୍ଗାଲୁରର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରସିବି ୫ଟି ମ୍ୟାଚ ଖେଳିବ । ଗତ ସଂସ୍କରଣରେ ଆରସିବି ପ୍ରଥମ ଥର ପାଇଁ ଟାଇଟଲ ହାସଲ କରିଥିଲା । ବିଜୟ ଉତ୍ସବ ପାଳନ ଅବସରରେ ଏଠାରେ ଦଳା ଚକଟା ଯୋଗୁ



୧୧ ଲୋକ ମୃତ୍ୟୁବରଣ କରିଥିବା ବେଳେ ଶତାଧିକ ଆହତ ହୋଇଥିଲେ । ଏହା ପରେ ଏଠାରେ ମ୍ୟାଚ ଆୟୋଜନ ଉପରେ ପ୍ରତିବନ୍ଧ ଲଗା ଯାଇଥିଲା । ଏପରିକି ନିକଟରେ ରଣଜୀ ଟ୍ରଫି ଫାଇନାଲ ଏଠାରେ ଖେଳା ନ ଯାଇ ହୁବୁଳିରେ ଅନୁଷ୍ଠିତ ହୋଇଥିଲା । କର୍ଣ୍ଣାଟକ ସରକାର, କର୍ଣ୍ଣାଟକ କ୍ରିକେଟ ସଂଘ ଓ କର୍ଣ୍ଣାଟକ ପୋଲିସର ମିଳିତ ଉଦ୍ୟମ ଯୋଗୁ ଏହି ଐତିହାସିକ ଷ୍ଟାଡିୟମକୁ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିଛି । ଆରସିବି ସିଇଓ ରାଜେଶ ମେନନ କହିଥିଲେ ଚିନ୍ନାସ୍ୱାମୀ ଷ୍ଟାଡିୟମ ସହ ଆମର ଭାବାବେଶ ଜଡିତ । ପ୍ରଶଂସକଙ୍କ ସମର୍ଥନ ଯୋଗୁ ଆମେ ଟାଇଟଲ ହାସଲ କରିଥିଲୁ । କେଏସସିଏର ଅଧକ୍ଷ ଭେଙ୍କେଟେଶ ପ୍ରସାଦ କହିଛନ୍ତି ଆରସିବି ଏଥର ବେଙ୍ଗାଲୁରରେ ମ୍ୟାଚ ଖେଳିବ । ଏହା ମୋ ପାଇଁ ବଡ ଉପଲବ୍ଧି । ଲର୍ଡସରେ ଇଂଲଣ୍ଡ ବିପକ୍ଷରେ ୫ ୱିକେଟ ନେବାଠାରୁ ମଧ୍ୟ ଏହା ବଡ ବୋଲି ପ୍ରସାଦ କହିଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**